## ମାଟ୍ରିକ ପରୀକ୍ଷା ଦେଲେ ୧୨୮୩ ଛାତ୍ରୀଛାତ୍ର

ଉଲୁଣ୍ଡା,(ଡି.ଏନ.ଏ.): ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ଉଲୁଣ୍ଡା ବ୍ଲକରେ ପ୍ରଥମ ଦିନରେ ୧୨୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । କୋଟସମଲେଇ ହାଇସ୍କୁଲରେ ୧୫୧ଜଣଙ୍କ ମଧ୍ୟରୁ ୧୪୪ଜଣ, ପଞ୍ଚମହଲାରେ ୧୭୧ରୁ ୧୬୪ଖ,ସିଂଡୋଲରେ ୧୯୦ରୁ ୧୮୧ଜଣ, ଉଲୁଣ୍ଡା ହାଇସ୍କୁଲରେ ୨୧୬ରୁ ୧୯୮ ଜଣ ପରୀକ୍ଷା ଦେଇଥିଲେ । ଧର୍ମଶାଳା ହାଇସ୍କୁଲରେ ୧୫୦ରୁ ୧୪୦ଜଣ, ଯାଲୋଏରେ ୧୮୮ରୁ ୧୭୬ଜଣ,କଳାପଥରରେ ୧୭୦ରୁ ୧୬୨ଜଣ ଏବଂ ଚଡେଇପଙ୍କରେ ୧୨୨ଜଣଙ୍କ ମଧ୍ୟରୁ ୧୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ମୋଟ ୭୫ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି ।

### ସଂକ୍ଷେପରେ

## ଡାକ୍ତରଖାନା ପଛପଟ ପୋଖରୀରେ ଶିଶୁକନ୍ୟାଙ୍କ ମୃତଦେହ

**ବରଗଡ଼ ଅଫିସ୍,୨୯।୪:** ବରଗଡ଼ ସହର ଉପକଣ୍ଠ ଖେଦାପାଲି(ଟୁକୁର୍ଲା)ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ପଛପଟ ପୋଖରୀରେ ଶୁକ୍ରବାର ଏକ ନବଜାତ ଶିଶୁକନ୍ୟାର ମୃତଦେହ ଭାସିବା ଘଟଣା ଆଲୋଡ଼ନ ଖେଳାଇ ଦେଇଛି। ଶିଶୁକନ୍ୟା କାହାର ଏବଂ କିଏ କେଉଁ ପରିସ୍ଥିତିରେ ତାକୁ ପୋଖରୀ ଭିତରକୁ ଫିଙ୍ଗି ଦେଇଛନ୍ତି, ତାହା ଜଣାପଡ଼ିନାହିଁ। ସନ୍ଧ୍ୟାରେ ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ, ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲେ । ତେବେ ଟୁକୁର୍ଲା ଗ୍ରାମବାସୀଙ୍କ ନିର୍ଭରଶୀଳ ପୋଖରୀକୁ ନବଜାତ ଫିଙ୍ଗାଯିବା ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଏହାର ବିହିତ ତଦନ୍ତ କରି କାର୍ଯାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ୨ ଗିରଫ

**ରାଉରକେଲା ଅଫିସ,୨୯।୪:** ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ରାଉରକେଲା ବନ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚାନ୍ଦିପୋଷର ସୁରେନ୍ଦ୍ର ଓରାମ ଓ ସୁଖେନ୍ଦ୍ର ଖାଲକୋ । ସୁଖେନ୍ଦ୍ର ଓ ସୁରେନ୍ଦ୍ର ଚାନ୍ଦିପୋଷ ଅଞ୍ଚଳରେ ବାସ କରନ୍ତି। ଗତ ୨୭ ତାରିଖ ବିଳମ୍ବିତ ରାତିରେ ଚାନ୍ଦିପୋଷ ଜଙ୍ଗଲରେ ନିଆଁ ଲଗାଇ ଅପରପାର୍ଶ୍ୱରେ ଜାଲ ବିଛାଇ ଦୁଇଜଣ ଅଭିଯୁକ୍ତ ଶିକାର କରୁଥିଲେ। କୌଣସି ବିଶେଷ ସୂତ୍ରରୁ ରାଉରକେଲା ବନ ବିଭାଗର ରେଞ୍ଜ ଅଫିସର ଯଶୋବନ୍ତ ସେଠୀ ଖବର ପାଇ ହଠାତ ଗତ ୨୮ ତାରିଖରେ ଜଙ୍ଗଲରେ ଚଢ଼ାଉ କରିଥିଲା। ଏହି ଚଢାଉ ସମୟରେ ବନ ବିଭାଗ ୨ଟି ଜାଲ ସହ ଗାଉଲି ଓ ଅନ୍ୟ ଶିକାର ସାମଗ୍ରୀକୁ ଜବତ କରିଥିଲା। ଏନେଇ ବନ ବିଭାଗ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ସଂଗ୍ରହ ହୋଇପାରୁନି କଷ୍ଟମ ମିଲିଂ ଚାଉଳ

**ସୋନପୁର,୨୯।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରୁନି। ମିଲର୍ସଙ୍କଠାରୁ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ) ଓ ରାଜ୍ୟ ସରକାରଙ୍କ ଗୋଦାମ ଆରଆରସି(ଚାଉଳ ସଂଗ୍ରହ କେନ୍ଦ୍ର) ଚାଉଳ ନେଉନି। ବାହାର ରାଜ୍ୟକୁ ଚାଉଳ ଯାଉ ନ ଥିବାରୁ ଡୁଙ୍ଗୁରିପାଲିସ୍ଥିତ ଏଫସିଆଇ ଗୋଦାମ ଭର୍ତ୍ତି ହୋଇରହିଛି। ସେହିପରି ଅନ୍ୟ ଜିଲାକୁ ଚାଉଳ ଯାଉ ନ ଥିବାରୁ ରାଜ୍ୟ ସରକାର ମିଲର୍ସଙ୍କଠାରୁ କଷ୍ଟମ ମିଲିଂ ଚାଉଳ ସଂଗ୍ରହ କରୁ ନାହାନ୍ତି। ଜିଲାର ଆରଆରସିଗୁଡିକରେ ପ୍ରାୟ ୩ଲକ୍ଷ କୁଇଣ୍ଟାଲ ଚାଉଳ ଗଚ୍ଛିତ ରଖିବାକୁ ସ୍ଥାନ ରହିଛି। ସରକାର ଗୋଦାମ ଭଡା ବାବଦରେ ମାସିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଚାଉଳ ସଂଗ୍ରହ ହେଉ ନ ଥିବାରୁ ଗୋଦାମଗୁଡିକ ଖାଲି ରହିଛି। ସେହିପରି ଏହି ଜିଲାରୁ କଷ୍ଟମ ମିଲିଂ ଚାଉଳ ପୂର୍ବରୁ ବଲାଙ୍ଗୀର ଜିଲାର ମଲମୁଣ୍ଡା ଏଫସିଆଇ ଗୋଦାମକୁ ଯାଉଥିଲା। ଏବେ ଗୋଦାମ ଖାଲି ଥିଲେ ହେଁ ଚାଉଳ ସଂଗ୍ରହ ବନ୍ଦ ରହିଛି। ଏହା ସୁବର୍ଣ୍ଣପୁର ଜିଲାର ୪୭ ମିଲର୍ସ ଓ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

### ସୁବର୍ଣ୍ଣପୁର ଜିଲା

- ୪୫ ପ୍ରତିଶତ ଚାଉଳ ଦେଇଛନ୍ତି ୪୭ ମିଲର୍ସ



ଏହି ଜିଲାରେ ଖରିଫ୍ ଓ ରବିରେ ଅଧିକ ଧାନ ଉତ୍ପାଦନ ହୋଇଥାଏ। ଚାଷୀଙ୍କଠାରୁ ସଂଗୃହୀତ ଧାନକୁ ମିଲିଂ କରି ସରକାର ବାହାର ରାଜ୍ୟ ଓ ଜିଲାକୁ ପଠାଇଥାନ୍ତି। କିନ୍ତୁ ଚାଉଳ ଆଉ ବାହାରକୁ ଯାଉନି। ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ ହୋଇ ନ ପାରିଲେ ରବିଋତୁ ଧାନକିଣାରେ ବାଧା ଉପୁଜିବ। ମିଲର୍ସଙ୍କ ଗୋଦାମଗୁଡିକରେ ଚାଉଳ ଓ ଧାନ ଭର୍ତ୍ତି ହୋଇ ରହିଛି। ଆଉ କିଛି ଦିନ ପରେ ଜିଲାରେ ରବି ଧାନ ଅମଳ ଆରମ୍ଭ ହୋଇଯିବ। ମେ ୧୬ ତାରିଖରୁ ରବି ଋତୁ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିବ। ଏଭଳି ସ୍ଥିତିରେ ଜିଲାର ମିଲର୍ସମାନେ ଧାନ ସଂଗ୍ରହରେ ଅଂଶଗ୍ରହଣ କରିବା ନେଇ ସନ୍ଦେହ ପ୍ରକାଶ ପାଇଛି। ୨୦୨୧-୨୨ ଖରିଫ ଋତୁରେ ଏହି ଜିଲାରୁ ୩୩ଲକ୍ଷ ୮୬ହଜାର ୫୪୭କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସୁବର୍ଣ୍ଣପୁର ଜିଲାର ୪୭ ମିଲର୍ସ ୩୩ଲକ୍ଷ ୪୩ହଜାର ୧୪୬କୁଇଣ୍ଟାଲ, ସମ୍ବଲପୁର ଜିଲାର ୪ଟି ମିଲର୍ସ ୪୩ହଜାର ୪୦୦କୁଇଣ୍ଟାଲ ଧାନ ନେଇଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ସବର୍ଣ୍ଣପୁର ଜିଲାର ମିଲର୍ସମାନେ ଏପ୍ରିଲ ୩୦ ତାରିଖ ସୁଦ୍ଧା ୨୨ଲକ୍ଷ ୭୩ହଜାର ୩୩୮କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେବା କଥା। ତେବେ ଚଳିତମାସ ୨୯ ତାରିଖ ସୁଦ୍ଧା ଜିଲାର ମିଲର୍ସ ଏଫସିଆଇ ଗୋଦାମକୁ ୬ଲକ୍ଷ ୬୦ହଜାର ୬୪୦କୁଇଣ୍ଟାଲ ଓ ଆରଆରସି ଗୋଦାମକୁ ୩ଲକ୍ଷ ୭୫ହଜାର ୫୯୦କୁଇଣ୍ଟାଲ ଚାଉଳ ଦେଇଛନ୍ତି। ଯାହାକି ସରକାରଙ୍କୁ ଦିଆଯିବାକୁ ଥିବା ଚାଉଳର ମାତ୍ର ୪୫.୫୮% ପ୍ରତିଶତ। ଆହୁରି ୧୨ଲକ୍ଷ ୩୭ହଜାର ୧୦୮କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ଦେବାକୁ ବାକି ଅଛି। ମିଲର୍ସ ଚାଉଳ ମିଲିଂ କରି ରଖିଛନ୍ତି, କିନ୍ତୁ ସରକାର ନେଉନାହାନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ଯୋଜନାରେ ୧ ଟଙ୍କିଆ ଚାଉଳ, ଅନ୍ତୋଦ୍ୟୋୟ ଅନ୍ନପୂର୍ଣ୍ଣା ଯୋଜନାରେ ଏବଂ କରୋନା ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଜିଲାର ଗରିବ ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଦିଆଯିବା କାରଣରୁ ଗୋଦାମରୁ ମାସିକ ୩୧ ହଜାର କୁଇଣ୍ଟାଲ ଖାଲି ହେଉଛି। ଏହା କିନ୍ତୁ ସମୁଦ୍ରକୁ ଶଙ୍ଖେ । ତେଣୁ ଏଫ୍‌ସିଆଇ ଗୋଦାମରୁ ବାହାର ରାଜ୍ୟକୁ ଚାଉଳ ନ ଗଲେ ଚାଉଳ ସଂଗ୍ରହ ବନ୍ଦ ରହିବ । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ୪୭ଟି ମିଲର୍ସଙ୍କ ନିକଟରୁ କଷ୍ଟମ ମିଲିଂ ଚାଉଳ ନେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ମିଲର୍ସ ସଂଘ ଦାବି କରିଛି। ମିଲଗୁଡିକରେ ଚାଉଳ ଅଧିକ ଦିନ ଗଚ୍ଛିତ ରହିଲେ ତାହା ନଷ୍ଟ ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କୁହନ୍ତି, ଜିଲା ଧାନ ସଂଗ୍ରହ କମିଟି ବୈଠକରେ ଏ ବାବଦରେ ଆଲୋଚନା ହୋଇଥିଲା। ସରକାର ଏ ବାବଦରେ ଅବଗତ ଅଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବୁ।

## ଗାତ ଖୋଳିଲେ, ପାଇପ ବିଛାଇଲେନି



ପାଇପ ବିଛାଇବା ପାଇଁ ଖୋଳା ଯାଇଥିବା ଗାତ ।

**ସଇଁତଳା, ୨୯।୪(ଡି.ଏନ.ଏ.)**

- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ
- ବିନା ଅନୁମତିରେ କଂକ୍ରିଟ ରାସ୍ତା ଖୋଳୁଛି ଠିକାସଂସ୍ଥା

ବଲାଙ୍ଗୀର ଜିଲା ସଇଁତଳା ଜଳ ଓ ପରିମଳ ବିଭାଗ ତରଫରୁ ବ୍ଲକ ଛକଠାରେ ପାଇପ ବିଛାଇବା ପାଇଁ ଗତ ୧୫ଦିନରୁ ଉର୍ଦ୍ଧ୍ୱ ହେଲା ଗାତ ଖୋଳା ଯାଇଛି। ହେଲେ ପାଇପ ବିଛାଇ ଗାତରେ ମାଟି ନ ଭରିବାରୁ ଲୋକେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଇତିଶ୍ରୀ ଦେହୁରୀଙ୍କ ସୂତ୍ରରୁ ପ୍ରକାଶ ସଇଁତଳା ବ୍ଲକ ଅଞ୍ଚଳରେ ଜଳ ଯୋଗାଣ ପାଇଁ ପାଇପ ବିଛାଇବା କାମ ଏକ ଠିକାସଂସ୍ଥାକୁ ଦିଆଯାଇଛି। ତିନିଫୁଟର ଗାତ ଖୋଳିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଠିକାସଂସ୍ଥା ଦେଡ଼ଫୁଟ ଗାତ ଖୋଳି ପାଇପ ବିଛାଉଥିବା ଅଭିଯୋଗ ହୋଇଥିଲା। ଯନ୍ତ୍ରୀ ଦେହୁରୀ ଠିକାସଂସ୍ଥାକୁ ଠିକ୍ ଭାବେ କାମ କରିବ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗାତ ଖୋଳିବାର ୧୫ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଠିକାସଂସ୍ଥା କାମବନ୍ଦ କରିଦେଇଛି। କିଛିଦିନ ତଳେ ପିଡ଼ବ୍ଲ୍ୟୁଡ଼ି ବିଭାଗ ତରଫରୁ ରାସ୍ତା କଡ଼ କଂକ୍ରିଟକରଣ ସହ ବ୍ଲକକୁ ରାସ୍ତା ନିର୍ମାଣ ହୋଇଥିଲା। ଉକ୍ତ ରାସ୍ତାକୁ ବିନା ଅନୁମତିରେ ସମ୍ପୃକ୍ତ ଠିକାସଂସ୍ଥା ଖୋଳିଛି। ଏ ବିଷୟରେ ଠିକା କରୁଥିବା ସଂସ୍ଥାର ଜଣେ କର୍ମଚାରୀଙ୍କୁ ପଚାରିବାରୁ କାମ ସରିବାପରେ କଂକ୍ରିଟକରଣ କରାଯିବ ବୋଲି କହିଥିଲେ।

# ରାସ୍ତାରେ ଯୁବକଙ୍କୁ ଗୁଳିକରି ହତ୍ୟା

**ସୁନ୍ଦରଗଡ଼,୨୯।୪ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସହରର ଅନ୍ୟତମ ଜନଗହଳିପୂର୍ଣ୍ଣ ସରକାରୀ କଲେଜ ରାସ୍ତାରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ଗୁଳିକାଣ୍ଡ ଘଟିଛି। ମୁରାରୀ ତନ୍ତୀ (୪୦) ନାମକ ଜଣେ ଯୁବକଙ୍କୁ ରାସ୍ତାରେ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ଘର ସୁନ୍ଦରଗଡ଼ ସହରର ମହନ୍ତିଆପଡ଼ାରେ। ମୁରାରୀ ସରକାରୀ କଲେଜ ରୋଡସ୍ଥିତ ସୁନ୍ଦରଗଡ଼ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ କାର୍‌ରୁ ଓହ୍ଲାଇ ଯାଉଥିବା ବେଳେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଅତର୍କିତ ଭାବେ ଆଖିବୁଜା ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଏହା ପରେ ଟାଉନ ଥାନା ପୋଲିସ ପହଞ୍ଚି ସଙ୍ଗେ ସଙ୍ଗେ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ କାର୍ ଚାଳକ ଚିଣ୍ଟୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୁରାରୀଙ୍କ ମୁଣ୍ଡରେ ୨ରାଉଣ୍ଡ ଗୁଳିବାଜିଥିବା ଟାଉନ ଥାନା ଆଇଆଇସି ଜଗଦୀଶ ବାର୍ଲା ପ୍ରକାଶ କରିଛନ୍ତି। ସହରରେ ବିଦ୍ ରାସ୍ତା ଉପରେ ଏଭଳି ଗୁଳିକାଣ୍ଡ ଘଟଣା ପଛର କାରଣ ଜଣାପଡି ନାହିଁ। ମୁରାରୀ ଜମି ବ୍ୟବସାୟ ସହ ଅନ୍ୟାନ୍ୟ ବ୍ୟବସାୟରେ ସମ୍ପୃକ୍ତ ଥିବାରୁ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥାଇପାରେ ବୋଲି ଆଲୋଚନା ହେଉଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ଗୁଳିଚାଳନା କରିଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଚଳାଇଛି। ଏସ୍‌ପି ସାଗରିକା ନାଥ ଡାକ୍ତରଖାନାରେ ପହଞ୍ଚି ଥିଲେ।


ଭଜନ ସମାରୋହ ପାଇଁ ଯୋଗାଯୋଗ କରନ୍ତୁ
ଆମ କଳା ସଂସଦର କଳାକାରମାନଙ୍କ ଦ୍ୱାରା କୋଶଲୀ, ଓଡ଼ିଆ, ହିନ୍ଦୀ, ସଂସ୍କୃତ ଭଜନ ଏବଂ ଓଡ଼ିଶୀ, ଛାନ୍ଦ, ଚମ୍ପୁ ଇତ୍ୟାଦି ପରିବେଷଣ କରାଯାଏ ।



ସଭାପତି
ଜୟଦେବ କଳା ସଂସଦ,
ବଲାଙ୍ଗୀର
ମୋ. ନଂ.9438770593





ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୦ ଏପ୍ରିଲ, ୨୦୨୨



## ଆଜି କ'ଣ କେଉଁଠି

ସମ୍ବଲପୁର

- ପଶ୍ଚିମ ଓଡ଼ିଶା ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏଶନ ବୈଠକ, ଭାଲୁପାଲି ଛକ ନିକଟ ରୟାଲ ରିଟ୍ରିଟ ସଭାକକ୍ଷ, ସନ୍ଧ୍ୟା ୫ଟା ।

## ସଂକ୍ଷେପରେ

### ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ଜମନକିରା,୨୯।୪(ଡି.ଏନ.ଏ.): ଜମନକିରା ଥାନା ବଡ଼ମାଳ ପଞ୍ଚାୟତ ସୁଦବଲଣ୍ଡା ଗାଁର ଜଣେ ଯୁବକ ଶୁକ୍ରବାର ଗଛରେ ଚଢ଼ି ଆମ୍ବ ତୋଳୁଥିବାବେଳେ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ରାଉତପଡାର ବିଜୟ ବାଡିଙ୍ଗ (୩୫)। ଅପରାହ୍ନ ୩ଟା ବେଳେ ବିଜୟ ଆମ୍ବ ତୋଳିବା ପାଇଁ ଘର ପାଖ ଗଛକୁ ଚଢ଼ିଥିଲେ। ଆମ୍ବ ତୋଳି ଗଛରୁ ଓହ୍ଲାଇବା ସମୟରେ ତଳକୁ ଖସିପଡିଥିଲେ। ପ୍ରଚଣ୍ଡ ଖରାରେ ଅଂଶୁଘାତ ଯୋଗୁ ତାଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଆଆଇସି ପ୍ରେମଜିତ ଦାସଙ୍କୁ ପଚାରିବାରୁ ସେ ଘଟଣାସ୍ଥଳକୁ ଅଧିକାରୀଙ୍କୁ ପଠାଇଛନ୍ତି। ବ୍ୟବଚ୍ଛେଦ ହେବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଝାରସୁଗୁଡ଼ା ଅଫିସ,୨୯।୪: ଝାରସୁଗୁଡ଼ା ପୌରପାଳିକା ତରଫରୁ ୱାର୍ଡ ନମ୍ବର ୯ ଅନ୍ତର୍ଗତ କୁଷ୍ଠରୋଗୀ କଲୋନୀରେ ଶୁକ୍ରବାର ହିତାଧିକାରୀଙ୍କୁ ଭତ୍ତା ଓ ହୁଇଲ୍ ଚେୟାର ଆଦି ବଣ୍ଟନ କରାଯାଇଛି। ପୌରାଧକ୍ଷା ରାନୀ ହାତୀ ଓ ୱାର୍ଡମେମ୍ବର ପ୍ରତିମା ଭଇଁସାଲ ପ୍ରମୁଖ ଯୋଗଦେଇ ଏହା ବଣ୍ଟନ କରିଥିଲେ। ପରେ ପୌରାଧକ୍ଷା ବମ୍ବେ ଛକରେ ହେଉଥିବା ସ୍ମାର୍ଟ ପାର୍କ, ପ୍ରସନ୍ନ ପଣ୍ଡା ଛକରେ ହେଉଥିବା ପାର୍କ ଓ ସମ୍ପଦ କେନ୍ଦ୍ର ଏମ୍‌ସିସି, ଏମ୍‌ଆର୍‌ଏଫ୍ ଆଦି କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଅବଗତ ହୋଇ ଅତିଶୀଘ୍ର ସମ୍ପୂର୍ଣ୍ଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୌରପାଳିକା ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ଯୁବ ନେତା ପ୍ରତାପ ନନ୍ଦ ଓ ମଦନ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

### ନାକଟିଦେଉଳରେ ୭୯୬ଜଣ ଦେଲେ ମାଟ୍ରିକ ପରୀକ୍ଷା

ନାକଟିଦେଉଳ,୨୯।୪(ଡି.ଏନ.ଏ.)- ଚଳିତବର୍ଷ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ନାକଟିଦେଉଳ ବ୍ଲକର ୬ କେନ୍ଦ୍ରରେ ସମୁଦାୟ ୭୯୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମୋଟ ୮୪୪ଜଣ ପରୀକ୍ଷା ଦେବାକୁ ଥିବାବେଳେ ସେଥିରୁ ୪୮ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପବିତ୍ର ମୋହନ ଉଚ୍ଚବିଦ୍ୟାଳୟ ଜଗନ୍ନାଥ ପ୍ରସାଦ କେନ୍ଦ୍ରରେ ୧୮୭ଜଣଙ୍କ ମଧ୍ୟରୁ ୧୭୬ଜଣ, କୁଞ୍ଜାମୁରା ସାଲେଇଡିପ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୪୯ରୁ ୧୪୫ଜଣ, ଡଇଁଚା ବାପୁଜୀ ହାଇସ୍କୁଲ କେନ୍ଦ୍ରରେ ୧୧୧ରୁ ୧୦୪ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ସରାପାଲି ହାଇସ୍କୁଲ କେନ୍ଦ୍ରରେ ୧୭୬ରୁ ୧୬୪ଜଣ, ଗିରିଶ୍ଚନ୍ଦ୍ରପୁର ସରକାରୀ ଆଶ୍ରମ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୨୦ରୁ ୧୦୯ଜଣ, କିସିଣ୍ଡା ହାଇସ୍କୁଲ କେନ୍ଦ୍ରରେ ୧୦୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସମସ୍ତ କେନ୍ଦ୍ରରେ ସରକାଙ୍କ କୋଭିଡ୍ ନିୟମ ପାଳନ କରାଯାଇଥିଲା ଓ ଶାନ୍ତିଶୃଙ୍ଖଳା ସହ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର କହିଛନ୍ତି।

# ଓଏସ୍‌ଓୟୁର ଦକ୍ଷତା ବିକାଶ ତାଲିମ

## ଯୋଗଦେଲେ ୫ ଗ୍ରାମର ୫୦ଜଣ ମହିଳା

ସମ୍ବଲପୁର,୨୯।୪(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ସ୍ୱାସ୍ଥ୍ୟ କର୍ମୀଙ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉନ୍ନତ ଭାରତ ଅଭିଯାନ ଅଧୀନରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ୨୦୧୪ରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଗ୍ରାମାଞ୍ଚଳର ଲୋକଙ୍କୁ ସଶକ୍ତୀକରଣ କରିବା ସକାଶେ ଏହି ଯୋଜନା ଆରମ୍ଭ ହୋଇଛି। ଓଏସ୍‌ଓୟୁ ପାଞ୍ଚ ଗ୍ରାମ ଯଥା କର୍ଡୋଲା, ସାହଜବାହାଲ, ବଡସିଂହାରି, ସାନସିଂହାରୀ ଓ ଚାଉଁରପୁରକୁ ପୋଷ୍ୟ ଗ୍ରାମ ଭାବେ ମନୋନୀତ କରିଛି। ଏହି ସମସ୍ତ ଗ୍ରାମର ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ସକାଶେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଓଏସ୍‌ଓୟୁ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ମହିଳାମାନଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ କୁମାର ମେହେର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୋଭିଡ୍ ସମୟରେ ସ୍ୱାସ୍ଥ୍ୟ କର୍ମୀଙ୍କ ସେବା ଓ ଅବଦାନକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଜିଲା କାର୍ଯ୍ୟକ୍ରମ ପରିଚାଳକ ତଥା ଜାତୀୟ ସ୍ୱାସ୍ଥ୍ୟ ପରିଚାଳକ ଡା. ମୌସୁମୀ ମିଶ୍ର ସମାଜରେ ନାରୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଓଏସ୍‌ଓୟୁ କୁଳସଚିବ ପ୍ରଫେସର ମାନସ ରଞ୍ଜନ ପୂଜାରୀ ପୋଷ୍ୟ ଗ୍ରାମର ବିକାଶ ଦିଗରେ ଆଲୋଚନା କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ବିଭାଗର ଚିତ୍ତରଞ୍ଜନ ଆଚାର୍ଯ୍ୟ, ଅଶ୍ୱିନୀ କୁମାର ମହାନନ୍ଦ, ଜୟକୁମାର ଭୋଇ ଉପସ୍ଥିତ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୫ ଗ୍ରାମର ୫୦ଜଣ ମହିଳା ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ପାନୀୟ ଜଳ ସୁବ୍ୟବସ୍ଥା ଉପରେ ଗୁରୁତ୍ୱ

## କୁଚିଣ୍ଡା ପଞ୍ଚାୟତ ସମିତି ବୈଠକ


ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀ।

କୁଚିଣ୍ଡା,୨୯।୪(ଡି.ଏନ.ଏ.)

କୁଚିଣ୍ଡା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଭୁବନେଶ୍ୱର କିସାନ ସଭାପତିତ୍ୱ କରିଥିଲେ। ଏଥିରେ ପାନୀୟ ଜଳ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଚଳ ନଳକୂପର ଶୀଘ୍ର ମରାମତି ଓ ଗ୍ରାମାଞ୍ଚଳରେ ପାଇପ୍ ପାଣି ଯୋଗାଣର ସୁବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ଲକରେ ୨୦୨୨-୨୩ ଆର୍ଥିକ ବର୍ଷରେ ୨୪କୋଟି ଟଙ୍କାର ବ୍ୟୟ ଅଟକଳ ସହ ୬ଲକ୍ଷ୧୩ ଦିନ ଶ୍ରମ ଦିବସ ସୃଷ୍ଟି ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଆଲୋଚନାରୁ ଜଣାଯାଇଛି। ସେହିପରି କୃଷି ଓ ଉଦ୍ୟାନ କୃଷି, ମହିଳା ଓ ଶିଶୁ ବିକାଶ ଯୋଜନା, ପ୍ରାଥମିକ ଶିକ୍ଷା, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ବିଭାଗ, କ୍ଷୁଦ୍ର ଜଳସେଚନ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଭେଟେନାରୀ, ଓଡିଶା ଜୀବିକା ମିଶନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥଲା। ବୈଠକକୁ ବିଡିଓ ନିରଞ୍ଜନ ସା ପରିଚାଳନା କରିଥିଲେ। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଏମ୍‌ପି ପ୍ରତିନିଧି ବିରଞ୍ଚି ବାବୁ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ, ଅଜିତ ମହାପାତ୍ର, ଉପାଧକ୍ଷା ରଶ୍ମିତା ନାଏକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଏବିସି ସହଦେବ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଢାଖୋଲ ଉପଖଣ୍ଡ: ୧୯୭୦ ଛାତ୍ରୀଛାତ୍ର ଦେଲେ ମାଟ୍ରିକ ପରୀକ୍ଷା

ରେଢାଖୋଲ,୨୯।୪ (ଡି.ଏନ.ଏ.)

ରେଢାଖୋଲ ଉପଖଣ୍ଡର ସମୁଦାୟ ୧୯୭୦ ଛାତ୍ରୀଛାତ୍ର ଶୁକ୍ରବାର ମାଟ୍ରିକ ପରୀକ୍ଷା ଦେଇଛନ୍ତି। ରେଢାଖୋଲ ଗୌରଚନ୍ଦ୍ର ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଏହା ଅଧୀନରେ ୧୬ ପରୀକ୍ଷା କେନ୍ଦ୍ର ରହିଛି। ସେଥି ମଧ୍ୟରୁ ରେଢାଖୋଲ ବ୍ଲକରେ ୮, ନାକ୍ଟିଦେଉଳ ବ୍ଲକରେ ୬ ଓ ଯୁଯୁମୁରାରେ ୨ଟି ପରୀକ୍ଷା କେନ୍ଦ୍ର ରହିଛି। ରେଢାଖୋଲ ବ୍ଲକର ଗୌରଚନ୍ଦ୍ର ହାଇସ୍କୁଲ, ରାଣି ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟ, କଦଳିଗଡ ହାଇସ୍କୁଲ, ଚାରମାଳ ହାଇସ୍କୁଲ, ବଂଶାଜାଲ ଅଳସୁଆବାବା ହାଇସ୍କୁଲ, ପଞ୍ଚଖଣ୍ଡା ହାଇସ୍କୁଲ ବଡବାହାଲ, ଜଗନ୍ନାଥ ହାଇସ୍କୁଲ ବଡମାଳ, ଏସ୍‌ଏସ୍‌ଡି ହାଇସ୍କୁଲ ମୋଚିବାହାଲରେ ପରୀକ୍ଷା କେନ୍ଦ୍ର କରାଯାଇଛି।

# ଏମ୍‌ସିଏଲ୍ ମୁଖ୍ୟାଳୟରେ ବିଶ୍ୱ ସୁରକ୍ଷା ଦିବସ


ଅତିଥିମାନେ ବିଶ୍ୱ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସକୁ ଶୁଭାରମ୍ଭ କରୁଛନ୍ତି ।

ସମ୍ବଲପୁର,୨୯।୪(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ ଶୁକ୍ରବାର ବିଶ୍ୱ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ବକ୍ତୃତା ଓ ପଜିଟିଭ ସେଫ୍ଟି ଆଣ୍ଡ ହେଲ୍‌ଥ କଲଚର ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ବୋରା ଯୋଗଦେଇଥିଲେ। ଆଲୋଚନାଚକ୍ରରେ ରାଉରକେଲା ଏନ୍‌ଆଇଟି ମାଇନିଂ ଇଞ୍ଜିନିୟରିଂ ପ୍ରଫେସର ସିଂଘମ ଜୟନ୍ତୁ, ସତନା ବିଶ୍ୱବିଦ୍ୟାଳୟ ଡିନ୍ ଡ. ଡି.କେ. ପ୍ରଧାନ, ଏମ୍‌ସିଏଲ୍ ମେଡିକାଲ ପରାମର୍ଶଦାତା ଡା. ଡି. ଗୁପ୍ତା, ହରିୟାଣାର ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ କ୍ରିଷ୍ଣା ମୋହନ ପ୍ରମୁଖ ନିଜସ୍ୱ ବକ୍ତବ୍ୟ ରଖିଥିଲେ।

# ବିକାଶ ଗ୍ରୁପର ପ୍ରତିଷ୍ଠା ଦିବସ



ବିକାଶ ଗ୍ରୁପ ଚେୟାରମ୍ୟାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

ସମ୍ବଲପୁର,୨୯।୪(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନସ୍ଥିତ କ୍ୟାମ୍ପସ୍‌ରେ ବିକାଶ ଗ୍ରୁପର ୨୧ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣା ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟନିର୍ବାହୀ ପରିଚାଳକ ଜି. ଭାସ୍କର ରାଓ ଓ ଡି. ନାଗେଶ୍ୱର ରାଓ ଯୋଗଦେଇ ବିକାଶ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ତିଆରି କରିବା ସହ ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଲୋକେ କିପରି ଆବଶ୍ୟକ ସୁବିଧା ପାଇପାରିବେ ସେ କ୍ଷେତ୍ରରେ କାମ କରିବ ବୋଲି କହିଥିଲେ। ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ସ୍ୱାଗତ ଭାଷଣ ଦେଇଥିବାବେଳେ ବିକାଶ ଫାଷ୍ଟ ଷ୍ଟେପ ସ୍କୁଲ ଅଧ୍ୟକ୍ଷା ଭି. ଶୈଳଜା ପ୍ରତିଷ୍ଠା ଦିବସ ବିଷୟରେ କହିଥିଲେ। ବିକାଶ ଉଚ୍ଚତର ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମିକ୍ ଡାଇରେକ୍ଟର ଜି. ରାମକୃଷ୍ଣ, ଏକାଡେମିକ ଅଫିସର ପୁଷ୍ପିତା ପଣ୍ଡା ଓ ଏକାଡେମିକ କୋ-ଅର୍ଡିନେଟର ଏମ୍ ରବି କୁମାର ବିକାଶ ସ୍କୁଲ ବିଷୟରେ ସୂଚନା ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ଖୁବ୍‌ଶୀଘ୍ର ଆରମ୍ଭ ହେବ କାମ'

## ଚୌକିପଡ଼ା ଆର୍‌ଓବି ନିର୍ମାଣ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

ଝାରସୁଗୁଡ଼ା ଅଫିସ,୨୯।୪

ଝାରସୁଗୁଡ଼ା ସହର ମଧ୍ୟରେ ରହିଥିବା ଚୌକିପଡା ରେଲୱେ ଫାଟକ ନିକଟରେ ଏକ ରେଲୱେ ଓଭର ବ୍ରିଜ୍ (ଆର୍‌ଓବି) ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ଖୁବ୍‌ଶୀଘ୍ର ଏହି ଦାବି ପୂରଣ ହେବାକୁ ଯାଉଛି। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶୁକ୍ରବାର ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ପିଡବ୍ଲ୍ୟୁଡି ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ନାଥ, ରେଲୱେ ଡେପୁଟି ଚିଫ୍ ଇଞ୍ଜିନିୟର ପି.କେ. ତ୍ରିପାଠୀ, ପୌରାଧ୍ୟକ୍ଷ ରାନୀ ହାତୀ, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ପୂର୍ବତନ ପୌରାଧ୍ୟକ୍ଷ ତାପସରାୟ ଚୌଧୁରୀ, ହରିଶ ଗଣତ୍ରା, ସନ୍ଦିପ ଅବସ୍ଥୀ, ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ଓବି ନିର୍ମାଣ ପାଇଁ ୪୯କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏଥିରେ ରାଜ୍ୟ ସରକାର ଓ ରେଳ ବିଭାଗର ମିଳିତ ଆର୍ଥିକ ଅନୁଦାନ ରହିଛି। ଇତିମଧ୍ୟରେ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ବହୁଶୀଘ୍ର ନିର୍ମାଣ କାମ ଆରମ୍ଭ ହେବବୋଲି ମନ୍ତ୍ରୀ ଦାସ କହିଛନ୍ତି। ଆର୍‌ଓବି ନିର୍ମାଣ ହେଲେ ଶତାଧିକ ଦୋକାନ ଉଚ୍ଛେଦ ହେବ । ଏହି ଦୋକାନୀମାନଙ୍କୁ ପ୍ରଥମେ ଥଇଥାନ କରାଯିବ। ଏଥିପାଇଁ ପୌର ପରିଷଦ ତରଫରୁ ଏହାର ସର୍ଭେ ଆରମ୍ଭ ହୋଇଛି। ଏଠାରେ ଆର୍‌ଓବି ନିର୍ମାଣ ହେଲେ ସହରବାସୀ ଉପକୃତ ହେବା ସହ ଦୀର୍ଘ ଦିନର ସ୍ୱପ୍ନ ସାକାର ହେବ ବୋଲି କୁହାଯାଉଛି ।


ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି।

## ରାତ୍ରିକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା ଅଫିସ,୨୯।୪

ସାରନଗରୀ କନଷ୍ଟ୍ରକସନ୍ କଲୋନୀ ଖେଳ ପଡ଼ିଆରେ ଓଡ଼ିଶା କ୍ରିକେଟ କ୍ଲବ ପକ୍ଷରୁ ଦ୍ୱିତୀୟ ପ୍ରଫୁଲ ପ୍ରହରାଜ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ରଘୁନାଥପାଲି ବିଜେଡି ନଗରସଭାପତି ଆର୍ତ୍ତ ମହାରଣା, ସୁଧୀର ସୁନ୍ଦର ରାୟ, ପପୁ ଚୌଧୁରୀ, ଶ୍ରୀଚରଣ ସାମଲ, ବିଜୟ କୁମାର ପ୍ରହରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୩୨ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ବିଜୟୀ ଦଳକୁ ୮ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଶୁକ୍ରବାର ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ ତାରାପୁର କ୍ରିକେଟ ଦଳ ସହିତ ଜଲଦା କ୍ରିକେଟ ଦଳ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ତାରାପୁର କ୍ରିକେଟ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୬ ଓଭରରେ ୪୦ ରନ ସଂଗ୍ରହ କରିଥିଲା। ଏହି ରନ୍‌ର ଲକ୍ଷ୍ୟକୁ ନେଇ ଜଲଦା ଦଳ ୫ ଉଇକେଟ ହରାଇ ମାତ୍ର ୨୭ ରନ କରି ପରାଜୟ ହୋଇଥିଲା। ଏହି ମ୍ୟାଚକୁ ମିକା ସିଂ ଓ ହୃଷିକେଶ ସାହୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ କ୍ଲବର ବରିଷ୍ଠ ସଦସ୍ୟ ଅଭିଳାସ ଜେନା, ଅଭିତ ନାୟକ, ସରୋଜ କୁମାର ପ୍ରହରାଜ, ଅଜିତ ନାୟକ, ଅକ୍ଷୟ ମଲ୍ଲିକଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# କଂଗ୍ରେସର ସିବିଆଇ ତଦନ୍ତ ଦାବି

ଝାରସୁଗୁଡ଼ା ଅଫିସ,୨୯।୪

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରୋଷେୟା ଲଳିତ କୁମାର ସାହୁଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିକରି ଜିଲା କଂଗ୍ରେସ କମିଟି ତରଫରୁ ଶୁକ୍ରବାର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ରହିଛି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଘରେ ତାଙ୍କ ରୋଷେୟା ଆତ୍ମହତ୍ୟା କରିଥିବା କୁହାଯାଉଛି । ଯଦି ସେ ଆତ୍ମହତ୍ୟା କଲେ କାହିଁକି ରାତାରାତି ତାଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଦିଆଗଲା । ଏହା ନିୟମ ବିରୋଧୀ ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ସିବିଆଇ ତଦନ୍ତ ପାଇଁ ଦଳ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ କମିଟି ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ଅଶୋକ ମିଶ୍ର, ପ୍ରଶାନ୍ତ ତ୍ରିପାଠୀ, ମହେନ୍ଦ୍ର ନାୟକ, ସାହାରୁଖ ଖାନ, ତ୍ରିଲୋଚନ ତନସେନା, ନିରଞ୍ଜନ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ସୋମନାଥ ବାବା ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୯।୪(ବ୍ୟୁରୋ)

ବାଲିବନ୍ଧା ଶ୍ରୀ ଶ୍ରୀ ସୋମନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜିଂ ଟ୍ରଷ୍ଟି ଡ. ବିଜୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଯାତ୍ରା ବିଷୟରେ ଉପସ୍ଥିତ ସଭ୍ୟମାନେ ନିଜସ୍ୱ ମତ ରଖିଥିଲେ। ବିଭିନ୍ନ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। କୈଳାସ ଚନ୍ଦ୍ର ମିସ୍ତ୍ରୀ, ଲୋକନାଥ ପାଣ୍ଡେ, ପ୍ରଦୀପ ପ୍ରଧାନ, ସଞ୍ଜୟ ବେହେରା, ମନୋରଞ୍ଜନ ପ୍ରଧାନ, ସଞ୍ଜୟ ମିଶ୍ର, ଡ. ରମେନ କୁମାର ସାହୁ, ଅରକ୍ଷିତ ନାୟକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଝାରସୁଗୁଡ଼ା ଜିଲାରେ ୬୫୯୧ ମାଟ୍ରିକ ପରୀକ୍ଷାର୍ଥୀ

ଝାରସୁଗୁଡ଼ା ଅଫିସ,୨୯।୪

ଝାରସୁଗୁଡ଼ା ଜିଲାରେ ଚଳିତବର୍ଷ ସମୁଦାୟ ୬୯୭୯ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାପାଇଁ ଫର୍ମ ଫିଲପ୍ କରିଥିଲେ। ଏଥିମଧ୍ୟରୁ ପ୍ରଥମ ଦିନରେ ୬,୩୭୮ଜଣ ପରୀକ୍ଷାର୍ଥୀ ୪୮ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ଏଥିମଧ୍ୟରେ ୬,୩୭୮ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଥିବାବେଳେ ୨୧୩ଜଣ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ ରହିଛନ୍ତି। ଜିଲା ଶିକ୍ଷାଧିକାରିଣୀ ପୁଷ୍ପା ମିଞ୍ଜଙ୍କ ନେତୃତ୍ୱରେ ପରୀକ୍ଷା ତଦାରଖ ପାଇଁ ସ୍କ୍ୱାଡ୍ ଗଠନ କରାଯାଇଥିବାବେଳେ ଜିଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ସ୍କ୍ୱାଡ୍ କରାଯାଇଛି। ପ୍ରଥମ ଦିନରେ ଜିଲାପାଳ ସରୋଜ କୁମାର ସାମଲ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପରୀକ୍ଷା ପରିଚାଳନାରେ ନିୟୋଜିତ ହୋଇଥିବା ୨ଜଣ ଶିକ୍ଷକ କାର୍ଯ୍ୟରେ ଅବହେଳା କରିଥିବା ନେଇ ଜଣେ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ କାରଣ ଦର୍ଶାଆ ନୋଟିସ୍ ଜାରି ହୋଇଛି ବୋଲି ଜିଲା ଶିକ୍ଷାଧିକାରିଣୀ ମିଞ୍ଜ କହିଛନ୍ତି।


ଅଡାପଡା ଜେଏଲ୍ ହାଇସ୍କୁଲ୍ କେନ୍ଦ୍ରରୁ ପରୀକ୍ଷା ଦେଇ ଫେରୁଛନ୍ତି ପରୀକ୍ଷାର୍ଥୀ ।

# ମାର୍କେଟ କମ୍ପ୍ଲେକ୍ସ ନିର୍ମାଣରେ ଅନିୟମିତତା

କୁଚିଣ୍ଡା,୨୯।୪(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତର ଲଇଗୁରା ବସ୍‌ଷ୍ଟାଣ୍ଡଠାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୧୦ ଲକ୍ଷ ଟଙ୍କା ବିନିମୟରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ଏହା ବିଭାଗୀୟ କାର୍ଯ୍ୟ ଭାବେ ସମ୍ପାଦନ ହେଉଛି। ଇତି ମଧ୍ୟରେ ଫାଇନାଲ ବିଲ ପ୍ରଦାନ କରାଯାଇଥିଲେ ବି ମାର୍କେଟ କମ୍ପ୍ଲେକ୍ସ ଅସମ୍ପୂର୍ଣ୍ଣ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି କାର୍ଯ୍ୟାଦେଶ ଗତ ୮।୭।୨୦୨୧ରେ ଇସ୍ୟୁ ହୋଇଥିବା ବେଳେ ଏଥିରେ ତତ୍କାଳୀନ ବିଡ଼ିଓଙ୍କ ୪।୬।୨୦୨୧ ଅର୍ଥାତ୍ ୩୪ ଦିନ ପୂର୍ବରୁ ଦସ୍ତଖତ ରହିଛି। ସାଧାରଣତଃ କାର୍ଯ୍ୟାଦେଶ ଇସ୍ୟୁ ହେଲା ପରେ ବିଡ଼ିଓ ସେଥିରେ ଦସ୍ତଖତ କରିଥାନ୍ତି। କିନ୍ତୁ ଏହି କାର୍ଯ୍ୟାଦେଶରେ ଆଗରୁ ବିଡ଼ିଓଙ୍କ ଦସ୍ତଖତ କିପରି ରହିଲା ତାହା ତଦନ୍ତ ସାପେକ୍ଷ। ଗୋଛରା ଆର୍‌ଆଇ ଦେଇଥିବା ରିପୋର୍ଟ ଅନୁସାରେ ଏହି କାମଟି ଲଇଗୁରା ମୌଜାର ଖାତା ନମ୍ବର ୧୨୨, ପ୍ଲଟ ନମ୍ବର ୬୮୦/୩୦୭୪ ଉପରେ ନିର୍ମାଣ ହୋଇଛି ଓ ଏହା ଏକ ଜଙ୍ଗଲ କିସମ। ଏହି ଜମିରେ ଜଙ୍ଗଲ ବିଭାଗର ବିନା ଅନୁମତିରେ କୌଣସି ନିର୍ମାଣ କାର୍ଯ୍ୟ ହୋଇ ନ ପାରିବା ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ସେହିପରି ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ଶ୍ରମିକଙ୍କ କୌଣସି ମଷ୍ଟରରୋଲ କରା ନ ଯାଇ ଜଣେ ବ୍ୟକ୍ତିଙ୍କ ଲିଖିତ ଘୋଷଣାନାମା ଆଧାରରେ ତାଙ୍କୁ ଶ୍ରମିକଙ୍କ ମଜୁରି ବାବଦରେ ୧ ଲକ୍ଷ ୯୮ ହଜାର ୧୯୮ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଅଧିକାର ତଥ୍ୟ ଦ୍ୱାରା ଜଣାପଡିଛି। ଶ୍ରମିକଙ୍କ ମଜୁରି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ ନ କରି ଜଣେ ବ୍ୟକ୍ତିଙ୍କୁ ସିଧାସଳଖ ପେମେଣ୍ଟ ହୋଇଥିବାରୁ ଏହି କାର୍ଯ୍ୟରେ ଅନିୟମିତତା ହୋଇଥିବା ସୂଚିତ କରୁଛି ।

ଏହି କାର୍ଯ୍ୟରେ ପ୍ଲାଷ୍ଟରିଂ ହୋଇ ନ ଥିବାବେଳେ କବାଟ ଲଗା ନ ଯାଇ କିଭଳି ଫାଇନାଲ ବିଲ କରି ସମସ୍ତ ଟଙ୍କା ଉଠାଇ ନିଆଯାଇଛି ତାହା ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସାଙ୍କୁ ପଚାରିବାରେ ସେ ଏ ବାବଦରେ କିଛି ଜାଣି ନ ଥିବା ଏବଂ ବିଧିବଦ୍ଧ ଅଭିଯୋଗ ଆସିଲେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ଫେବର ବ୍ଲକ ସଡ଼କ ପାଇଁ ଭୂମି ପୂଜନ

ନୂଆପଡ଼ା ଅଫିସ: ନୂଆପଡା ଜିଲା ଖରିଆର ରୋଡ ଏନ୍‌ଏସି ୱାର୍ଡ ନଂ. ୧୨ ପିଏଚଡି ପଡାରେ ଫେବର ବ୍ଲକ ସଡକ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ସମ୍ମାନିତ ଅତିଥି ଉପାଧକ୍ଷ ନିଶାନ୍ତ ତାଗା, ଏମ୍‌ପି ପ୍ରତିନିଧି ସୋମନାଥ ଅଗ୍ରୱାଲ, ଶେଖର ଜୈନଙ୍କ ଉପସ୍ଥିତିରେ ଭୂମିପୂଜନ ଅନୁଷ୍ଠିତ ହୋଇଥିଲା। ଫେବର ବ୍ଲକ ସଡକରେ ଗମନାଗମନ ସୁବ୍ୟାବସ୍ଥା ହେବ ବୋଲି ମତ ପ୍ରକାଶ ପାଉଛି। ଆଗକୁ ଏନଏସି ବିକାଶ ପଥରେ ଅଗ୍ରସର ହେବା ସାଙ୍ଗକୁ ସର୍ବାଙ୍ଗୀନ ଉନତି ପାଇଁ ଗୁରୁତ୍ୱ ଦିଆଯିବ ବୋଲି ଉଭୟ ଅଧକ୍ଷା ଓ ଉପାଧକ୍ଷ ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ଆତ୍ମହତ୍ୟା,କାରଣ ଅସ୍ପଷ୍ଟ

**କୁଆଁରମୁଣ୍ଡା,୨୯।୪(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବଜାରରେ ବାସନ ଦୋକାନ କରିଥିବା ରବି ସାହୁ(୪୮) ନିଜ ଘରର ସିଲିଂ ଫ୍ୟାନରେ ବେଡସିଟ୍ ବାନ୍ଧି ବେକରେ ଦେଇ ଆତ୍ମହତ୍ୟା କରିଥିବା ଶୁକ୍ରବାର ସକାଳୁ ଜଣାପଡିଛି। ଏ ନେଇ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦେବାରୁ ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ଯାଇ ମୃତ ରବିଙ୍କ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(୧୩/୨୨) ରୁଜୁ କରିଛି ।ଏହାପରେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଇଛି ।ହେଲେ ରବି କେଉଁ କାରଣରୁ ଏପରି ଚରମ ନିଷ୍ପତି ନେଲେ ତାହାର କୌଣସି ସ୍ପଷ୍ଟ କାରଣ ଅଦ୍ୟାବଧି ଜଣାପଡ଼ିନାହିଁ ବୋଲି ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ କହିଛନ୍ତି।

### ବିଜେଡିରେ ଜର୍ଜ ନ ମିଶୁଣୁ ସ୍ଥାନୀୟସ୍ତରରେ ବିରୋଧ

**କୁଆଁରମୁଣ୍ଡା,୨୯।୪(ଡି.ଏନ.ଏ):** ଟାଣୁଆ ଆଦିବାସୀ ନେତା ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀ ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ପଦ ଏପରିକି କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ନିକଟରେ ଇସ୍ତଫା ଦେଇଛନ୍ତି। ଏବେ ଜର୍ଜ କେଉଁ ଦଳକୁ ଯିବେ ସେ ନେଇ ଅନ୍ୟ ଦଳଗୁଡିକରେ ଆଲୋଚନା ଜୋର ଧରିଛି। ବିଶେଷକରି ଜର୍ଜ ତିର୍କୀ କଂଗ୍ରେସ ଦଳ ଛାଡିଲା ପରେ କୁଆଡେ ବିଜେଡ଼ି ଆଡକୁ ମୁହାଁଇଛନ୍ତି ବୋଲି ଏବେ ସମଗ୍ର ଜିଲାରେ ଆଲୋଚନା ହେଉଛି ।ଏହାରି ଭିତରେ ବୀରମିତ୍ରପୁରର ସ୍ଥାନୀୟ କେତେକ ବିଜେଡ଼ି କର୍ମୀ ଜର୍ଜଙ୍କ ବିଜେଡ଼ିରେ ମିଶିବା ଚର୍ଚ୍ଚାକୁ ନେଇ ବିରୋଧ କରୁଛନ୍ତି। ଏ ନେଇ ସେମାନେ ଶୁକ୍ରବାର କୁଆଁରମୁଣ୍ଡା ବ୍ଲକ ପଦମପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିଜେଡ଼ିରେ ଜର୍ଜଙ୍କୁ ଗ୍ରହଣ କରା ନ ଯାଉ ବୋଲି ଦାବି କରିଛନ୍ତି। ଅନୁରୂପଭାବେ ଗୁରୁବାର ମଧ୍ୟ ବୀରମିତ୍ରପୁର ପୌରାଧକ୍ଷ ସନ୍ଦୀପ ମିଶ୍ର, ରାଜେଶ କେର୍କେଟାଙ୍କ ନେତୃତ୍ୱରେ ସ୍ଥାନୀୟ ବିଜେଡ଼ି କର୍ମୀ ଏକତ୍ରିତ ହୋଇ ଜର୍ଜଙ୍କୁ ବିଜେଡ଼ିରେ ଗ୍ରହଣ କରା ନ ଯାଉ ବୋଲି ବିରୋଧ କରିଛନ୍ତି। ଏ ନେଇ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ପଚାରିବାରୁ ସେ କହିଲେ ଯେ,ମୁଁ କେଉଁ ଦଳକୁ ଯିବି ନ ଯିବି ତାହା ଏବେ ଠାରୁ ସ୍ଥିର କରିନାହିଁ । ମାତ୍ର ଯେଉଁମାନେ ମୋତେ ବିରୋଧ କରୁଛନ୍ତି ସେମାନେ ମୋର ହାତ ତିଆରି ଖେଳନା ସଦୃଶ ବୋଲି ଜର୍ଜ କହିଛନ୍ତି।






‘ଉତ୍ସବ ପ୍ରଧାନପାଟ-୨୦୨୨’ର ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଉତ୍ସବସ୍ଥଳ ଲୋକାରଣ୍ୟ

**‘ଉତ୍ସବ ପ୍ରଧାନପାଟ-୨୦୨୨’ର ତୃତୀୟ ସନ୍ଧ୍ୟା**

ଦେବଗଡ଼,୨୯।୪(ଡି.ଏନ୍.ଏ.)

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ତଥା ଦେବଗଡ଼ ଜିଲାର ଗର୍ବ ଓ ଗୌରବ ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ନିର୍ମିତ ଶାଳବଣ ଘେରା ମୁକ୍ତାକାଶ ରଙ୍ଗମଞ୍ଚରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଦେବଗଡ଼ ଜିଲାର ସାଂସ୍କୃତିକ ମହୋତ୍ସବ ‘ଉତ୍ସବ ପ୍ରଧାନପାଟ-୨୦୨୨’ ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ପହଞ୍ଚିଛି। ସନ୍ଧ୍ୟାରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ପରିଚାଳନାରେ ଆୟୋଜିତ ତୃତୀୟ ସନ୍ଧ୍ୟାର ଉତ୍ସବକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ରେବିକ ବିଲୁଙ୍ଗ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହି ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଡ୍ୟାନ୍ସ ଓ ମ୍ୟୁଜିକ ଏକାଡେମୀ ରଙ୍ଗଶାଳା, ପୁରୀର ରଙ୍ଗଶାଳା, ଜଗତସିଂହପୁରର ଘଣ୍ଟପାରୁଆ, କଟକର ବାରବାଟୀ ଡ୍ୟାନ୍ସ ଏକାଡେମୀ, ଦେବଗଡ଼ର ଆଦର୍ଶ ଡ୍ୟାନ୍ସ ଗ୍ରୁପ ଓ ଭଦ୍ରକର ଜିଲା ସଂସ୍କୃତି ପରିଷଦ ଦ୍ୱାରା ଓଡ଼ିଶୀ ନୃତ୍ୟ, ସିକିମ ନୃତ୍ୟ, ବିହୁ ନୃତ୍ୟ, ରାଜସ୍ଥାନୀ ନୃତ୍ୟ ସମେତ ବିଭିନ୍ନ ଆକର୍ଷଣୀୟ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଉଦ୍‌ଘୋଷିକା ଭାବେ ବଂଶୀଧର ସାହୁ, ଜନ୍ମେଜୟ ନାୟକ, ବିଦେଶୀ ସାହୁ, ପ୍ରିତମ ବେହେରା, ସୁମନ ମହାକୁଳ, ସୁରଭି ବରାଇ, ସୋନାଲୀ ସାହୁ ଓ ମୋନାଲୀ ସାହୁ ପରିଚାଳନା କରିଥିଲେ। ଉତ୍ସବ ଅବସରରେ ଓରମାସ ପକ୍ଷରୁ ଆକର୍ଷଣୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେଉଥିବା ବେଳେ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ମଧ୍ୟ ଦର୍ଶକ ଏବଂ ଜନସାଧାରଣଙ୍କ ନିମନ୍ତେ ବେଶ ଉପଭୋଗ୍ୟ ହୋଇଥିଲା। ଗତ ୨ଦିନ ଭଳି ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ ଅନୁକୂଳ ପାଗ ଯୋଗୁ ହଜାର ହଜାର ଦର୍ଶକ ବିଭିନ୍ନ ନୃତ୍ୟ ଓ ଗୀତର ତାଳେତାଳେ ଝୁମି ଉଠୁଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଆସିଷ୍ଟାଣ୍ଟ କଲେକ୍ଟର କୈବଲ୍ୟ କିଶୋର କର, ସିପ୍ରା ସେଠୀ, ସୁଶାନ୍ତ କୁମାର ନାୟକ, ଯଶୋବନ୍ତ ଦେହୁରୀ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



### ଗାଡି ଧକ୍କାରେ ବୃଦ୍ଧ ମୃତ

ଲହୁଣୀପଡ଼ା,୨୯।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଗୌଡୁଣୀପୋଷ ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବଣାଇ ଉପଖଣ୍ଡ ଚିକିତ୍ସାଳୟ ମର୍ଗ ହାଉସଠାରେ ରଖିଥିବା ବେଳେ ଶୁକ୍ରବାର ଚିହ୍ନଟ ହେବା ପରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ ଲୁଧୁଣି ଗ୍ରାମର ପୂର୍ଣ୍ଣ ଧୀବର(୫୮)ଙ୍କୁ ହୋଟେଲରେ କାମ କରାଇବା ପାଇଁ ତାର ସମ୍ପର୍କୀୟ ଜଣେ ଡାକି ଆଣିଥିଲେ। କିନ୍ତୁ ପୂର୍ଣ୍ଣ ହୋଟେଲରେ କାମ ନ କରି ରାତିରେ ଚାଲି ଚାଲି ନିଜ ଗ୍ରାମ ଲୁଧୁଣିକୁ ଫେରି ଯାଉଥିବା ବେଳେ ଗୌଡୁଣୀପୋଷ ଛକ ନିକଟରେ ତାକୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା।

### ଅବସରପ୍ରାପ୍ତ ବିଡ଼ିଓଙ୍କ ପରଲୋକ

ବରଗଡ଼ ଅଫିସ,୨୯।୪

ବରଗଡ଼ କଲେଜ ରୋଡ଼ ବାସିନ୍ଦା ତଥା ଅବସରପ୍ରାପ୍ତ ବିଡ଼ିଓ ଟଙ୍କଧର ବିଶ୍ୱାଳଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୮ବର୍ଷ ହେଉଥିଲା। ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ବିଶ୍ୱାଳ ରାଜ୍ୟର ବିଭିନ୍ନ ଜିଲାରେ ବିଡ଼ିଓଭାବେ କାର୍ଯ୍ୟ କରିଥିଲେ।

# ରାଜ୍ୟ ରାଜପଥ ମରାମତି ଦାବିରେ ରାସ୍ତାରୋକୋ

**ସୁନ୍ଦରଗଡ଼ ଜିଲା ସବ୍‌ଡେଗାଠାରେ ୨୪ ନମ୍ବର ରାଜ୍ୟ ରାଜପଥ ଶୋଚନୀୟ**

ସବ୍‌ଡେଗା,୨୯।୪(ଡି.ଏନ୍.ଏ.)

୨୪ ନମ୍ବର ରାଜ୍ୟ ରାଜପଥର ମରାମତି ଦାବିରେ ସୁନ୍ଦରଗଡ଼ ଜିଲା ସବ୍‌ଡେଗାଠାରେ ଶୁକ୍ରବାର ଭାଜପା ପକ୍ଷରୁ ୨ଘଣ୍ଟିଆ ରାସ୍ତା ଅବରୋଧ କରାଯାଇଥିଲା । ଭାଜପା ଜିଲା ସଭାପତି ତଥା ତଲସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ନିର୍ଦ୍ଦେଶ କ୍ରମେ ଦଳ ତରଫରୁ ରାସ୍ତା ଅବରୋଧ କରାଯାଇଥିଲା। କରମଡିହିରୁ ସବ୍‌ଡେଗା ଦେଇ ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଯାଇଥିବା ୨୪ନମ୍ବର ରାଜ୍ୟ ରାଜପଥ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଦୀର୍ଘ ଦିନରୁ ବଡବଡ ଖାଲ ହୋଇଥିବାରୁ ଦୁର୍ଘଟଣାରେ ଅନେକ ଲୋକ ପ୍ରାଣ ହରାଉଛନ୍ତି। ଉକ୍ତ ରାସ୍ତାକୁ ମରାମତି ପାଇଁ ଦାବି ହେଉଥିଲେ ମଧ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଏବିଷୟରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତାକାମକୁ ଯେଉଁ ଠିକାଦାର ଟେଣ୍ଡର ନେଇଥିଲେ ସେ ବିଳମ୍ବ କରୁଥିବାରୁ ତାଙ୍କୁ ଆମେ ନୋଟିସ କରିଛୁ। ଯଥାଶୀଘ୍ର ସେ ଟେଣ୍ଡରକୁ ରଦ୍ଦ କରି ପୁଣି ଇ-ଟେଣ୍ଡର କରି କାମ କରାଯିବ ବୋଲି କହିଥିଲେ। ଆଗାମୀ ଦିନରେ ଯଥାଶୀଘ୍ର ରାସ୍ତା କାମ ଆରମ୍ଭ ନ କଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଭାଜପା କର୍ମୀମାନେ ଚେତାବନୀ ଦେଇଛନ୍ତି।



ସବ୍‌ଡ଼େଗାରେ ଭାଜପା କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

# ଚୋରି ଘଟଣାରେ ୫ ଗିରଫ

**ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ**

ରାଜଗାଙ୍ଗପୁର,୨୯।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ କିଛି ଦିନ ହେବ ଚୋରି ଘଟଣା ବୃଦ୍ଧି ପାଉଥିବାବେଳେ ଶୁକ୍ରବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ କରାଯାଇଛି। ଗୁରୁବାର ରାତିରେ ରାଜଗାଙ୍ଗପୁର ପୌରାଞ୍ଚଳର ଇଦଗାହା ମହଲାରେ ରେଶ୍ମା ଖାତୁନ ନାମକ ମହିଳା ପ୍ରବଳ ଗରମ ଯୋଗୁ ନିଜ ଘରେ ତାଲା ପକାଇ ଛାତ ଉପରକୁ ଶୋଇବା ପାଇଁ ଯାଇଥିଲେ। ରାତି ୩ଟାରେ ଛାତରୁ ଓହ୍ଲାଇ ଘରକୁ ଆସିଦେଖନ୍ତି ଯେ ଘରର ତାଲା ଭାଙ୍ଗି ପଡିଛି। ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଚୋରି ହୋଇଯାଇଛି। ଏସମ୍ପର୍କରେ ରେଶ୍ମା ଶୁକ୍ରବାର ସକାଳେ ରାଜଗାଙ୍ଗପୁର ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ କରିଥିଲା। ୨ଅଭିଯୁକ୍ତ ଏମ୍‌ଡି ସମସେର ଓ ଏମ୍‌ଡି ରୁସତମଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିଥିଲା। ଅନ୍ୟ ଏକ ଘଟଣାରେ ୩୦୦୦୦ ଟଙ୍କାର ଚୋରି ହୋଇଥିବା ଡିଆଇ ପାଇପ ସହ ୩ଜଣଙ୍କୁ ଗିରଫ କରାଯାଇଛି। ଦୁଇଟି ପୃଥକ ପୃଥକ ଘଟଣାରେ ରାଜଗାଙ୍ଗପୁର ପୋଲିସ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି। ୫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ସନ୍ଧ୍ୟାରେ ରାଜଗାଙ୍ଗପୁର ଏସ୍‌ଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ପୋଲିସ ସହ ୫ ଅଭିଯୁକ୍ତ।

# ଲକ୍ଷ୍ୟ, ଉଦ୍ଦେଶ୍ୟ ମହତ ରହିଲେ ସରକାରୀ ସ୍କୁଲରେ ଶିକ୍ଷାର୍ଥୀ ବିକାଶର ଶୀର୍ଷକୁ ଯାଇପାରିବ




ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କୁ ସତ୍ୟନାରାୟଣ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଉଛି।

କୁଆଁରମୁଣ୍ଡା,୨୯।୪(ଡି.ଏନ.ଏ.)

ଜଣେ ଶିକ୍ଷକ ନିଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ ରଖି କାର୍ଯ୍ୟ କରିଲେ ସରକାରୀ ସ୍କୁଲରେ ବି ଶିକ୍ଷାର୍ଥୀ ବିକାଶର ଶୀର୍ଷକୁ ନିଶ୍ଚିତଭାବେ ଯାଇପାରିବ ବୋଲି ଗୁରୁବାର ରାଉରକେଲା ସିଭିକ୍ ସେଣ୍ଟରରେ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଆୟୋଜିତ ମଧୁ ଜୟନ୍ତୀ ଉତ୍ସବରେ ସତ୍ୟନାରାୟଣ ସ୍ମୃତି ସମ୍ମାନରେ ସମ୍ମାନିତ ହେବା ଅବସରରେ କୁମଝରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ସାମଲଙ୍କୁ କୁମଝରିଆ ହାଇସ୍କୁଲରେ ଶିକ୍ଷାର୍ଥୀଙ୍କ ବିକାଶ ଓ ଆକର୍ଷଣୀୟ ଶିକ୍ଷଣୀୟ ପରିବେଶ ସୃଷ୍ଟି କରିଥିବା ଯୋଗୁ ଉପରୋକ୍ତ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ପ୍ରଧାନଶିକ୍ଷକ ସାମଲଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଅନୁରୂପଭାବେ ମଧୁସୂଦନ ସ୍ମୃତି ପୁରସ୍କାର ବାସନ୍ତୀ ନଗର ଡିଏଭି ପବ୍ଲିକ ସ୍କୁଲର ଦିପ୍ତି ନାୟକ, ଗୋପବନ୍ଧୁ ଦାସ ସ୍ମୃତି ପୁରସ୍କାରରେ ମଧୁସୂଦନ ଶିକ୍ଷା ନିବାସ ସେକ୍ଟର-୧୭ର ସରିତା ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲାର ସର୍ବପୁରାତନ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘର ସଭାପତି ଅଜୟ କୁମାର ନାୟକ ଅଧକ୍ଷତା କରିଥିଲେ। ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଡ. ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଓଡିଆ ଜାତିର ବିକାଶ ଏବଂ ଓଡିଆ ଭାଷାର ଅସ୍ମିତା ପାଇଁ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲାର ଜଣାଶୁଣା ଇଞ୍ଜିନିୟର, ଅବସରପ୍ରାପ୍ତ ଅଧିକାରୀ, କବି, ଲେଖକମାନେ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ଜିଲାରେ ୨୩୫୫ ପରୀକ୍ଷାର୍ଥୀ ପରୀକ୍ଷା ଦେଲେ

ସୁନ୍ଦରଗଡ଼,୨୯।୪ (ଡି.ଏନ୍.ଏ)

ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ସୁନ୍ଦରଗଡ ଜିଲାରେ ମୋଟ ୨୫୧୧୮ ପରୀକ୍ଷାର୍ଥୀଙ୍କ ମଧ୍ଯରୁ ମୋଟ ୨୩୫୫୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବା ମୋଟ ୨୫୧୧୮ ଛାତ୍ରୀ ଛାତ୍ରଙ୍କ ମଧ୍ୟରୁ ୧୬୬୫ ଜଣ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜଣାଯାଇଛି । ଏହାସହ ମଧ୍ୟମା ପରୀକ୍ଷାରେ ୨୪ଜଣଙ୍କ ମଧ୍ୟରୁ ୨୧ଜଣ ଏବଂ ଏସଓଏସି ପରୀକ୍ଷା ପାଇଁ ୨୯୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୪ଜଣ ପରୀକ୍ଷା ଦେଇଛନ୍ତି। କରୋନା ମହାମାରୀ ଯୋଗୁଁ ୨ବର୍ଷ ହେଲା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇ ନଥିବା ବେଳେ ଚଳିତ ବର୍ଷ ଅଫଲାଇନ ମୋଡରେ ପରୀକ୍ଷା କେନ୍ଦ୍ର ଗୁଡିକରେ ଏହି ପରୀକ୍ଷା ଦେବାକୁ ଆସିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଅଫଲାଇନ୍ ମାଧ୍ୟମରେ ପରୀକ୍ଷା ଦେଇଥିବାରୁ ନିଶ୍ଚିତ ରୂପେ ପରୀକ୍ଷା ଫଳ ଭଲ ରହିବ ବୋଲି ସେମାନେ ଆଶାବାଦୀ ରହିଛନ୍ତି। ପରୀକ୍ଷା ଦେବା ପାଇଁ ମୋଟ ୧୨୦ଟି କେନ୍ଦ୍ର କରାଯାଇଥିବା ବେଳେ ମଧ୍ୟମା .ପାଇଁ ଗୋଟିଏ ଓ ଏସଓସି ପରୀକ୍ଷା ପାଇଁ ୪ଟି କେନ୍ଦ୍ର କରାଯାଇଛି।

# ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**୫ ଦଫା ଦାବି ନେଇ ରାଉରକେଲା ଜିଲା ଯୁବ କଂଗ୍ରେସ କମିଟି ଆନ୍ଦୋଳନକୁ ଓହ୍ଲାଇଲା**

ରାଉରକେଲା ଅଫିସ, ୨୯।୪

ଶୁକ୍ରବାର ରାଉରକେଲା ଜିଲା ଯୁବ କଂଗ୍ରେସ କମିଟି ତରଫରୁ ୫ଦଫା ଦାବିରେ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଗଣଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତାଘାଟ, ଜଳ ସମସ୍ୟା ଦୂର, ପରିମଳ ବ୍ୟବସ୍ଥାର ଉନ୍ନତି ଓ ମହାନଗର ନିଗମ ନିର୍ବାଚନ ଆଦି ଦାବିକୁ ନେଇ ରାଉରକେଲା ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ରାଉରକେଲା ସରକାରୀ ଡାକ୍ତରଖାନାକୁ ୪୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କରାଯାଉ ବୋଲି ଦାବି କରିଥିଲେ। ଯାହା କେବଳ ଘୋଷଣାରେ ସୀମିତ ରହିଛି। ସରକାରୀ ସ୍କୁଲ ଓ କଲେଜରେ ଆବଶ୍ୟକୀୟ ଶିକ୍ଷକ ଓ ଅଧ୍ୟାପକ ନିୟୋଜିତ କରିବା, ସହରର ରାସ୍ତାଘାଟ, ଡ୍ରେନେଜ, ଶିଶୁ ଉଦ୍ୟାନଗୁଡିକ ମରାମତି କରିବା, ବସ୍ତିଗୁଡିକୁ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା କରିବା ଓ ରାଉରକେଲା ମହାନଗର ନିର୍ବାଚନ କରିବା ଆଦି ଦାବିକୁ ନେଇ କଂଗ୍ରେସ ନେତାମାନେ ରାଜ୍ୟ ସରକାର ଉପରେ ବର୍ଷିଥିଲେ। ଆଗାମୀ ଦିନରେ ଏହି ଦାବିକୁ ନେଇ ଯୁବ କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଯୁବ ସଭାପତି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଗଣଧାରଣାରେ ପ୍ରଦେଶ ଯୁବ କଂଗ୍ରେସ ତରଫରୁ ରାଉରକେଲା ଜିଲା ଯୁବ କଂଗ୍ରେସ ପ୍ରଭାରୀ ବିରେନ ଦଳାଇ, ରାଉରକେଲାର ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରବି ରାଏ, ରଘୁନାଥପଲ୍ଲୀ ବିଧାନସଭା ଯୁବ କଂଗ୍ରେସ ସଭାପତି ଅନିଲ ଗୁରୁଙ୍ଗ, ପ୍ରଦେଶ ଯୁବ କଂଗ୍ରେସ କମିଟିର ସମ୍ପାଦକ ପ୍ରଦୀପ ବେହେରା, ବରିଷ୍ଠ ନେତା ଗଣେଶ ପ୍ରଧାନ, ଦୀନବନ୍ଧୁ ଭୋଳ, ସୋମନାଥ ପଣ୍ଡା, ସୁଶୀଲ କିଣ୍ଡୋ, ଜିଲା କଂଗ୍ରେସ କମିଟିର ଉପସଭାପତି ବାଦଲ ଶ୍ରୀଚନ୍ଦନ, ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ, କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ପ୍ରତିମା ପଣ୍ଡା, ରାଜେଶ ଟପ୍ପୋ, ବ୍ଲକ ସଭାପତି ସୁନୀଲ ପଟ୍ଟନାୟକ , ବିଜୟ ଅପ୍ପଟ , ଧୃଷା ନାୟକ , ପ୍ରଦେଶ ମହିଳା କଂଗ୍ରେସ ସମ୍ପାଦିକା ଲତା ନାୟକ, ନାରୀନେତ୍ରୀ ପୁଷ୍ପା ଲେଙ୍କା, ରଞ୍ଜିତା ମଲ୍ଲିକ, ଗୀତା ସିଂ, ବରିଷ୍ଠ ନେତା ପ୍ରଫୁଲ୍ଲ ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି, ସବୀର ହୁସେନ, ନବାବ ଅକ୍ତର, ଗିରିଜା ଶଙ୍କର ମିଶ୍ର, ଦିଲୀପ ଜେନା, ଆର.ପି ସିଂହ, ତ୍ରୈଲୋଚନ ସାମଲ, ଶିଶିର ସାମନ୍ତରାୟ, ବିଦ୍ୟାଧର ସିଂହ, ଶଙ୍କର ଅଗ୍ରୱାଲ, ସୁଦନ ତନ୍ତୀ, ଯୁବ କଂଗ୍ରେସ ଉପସଭାପତି ସୁଧୀର ଚୌହାନ, ଇସ୍ତେହାର ମହମ୍ମଦ, ସାଧାରଣ ସମ୍ପାଦକ ମୁକେଶ ସିଂ, ପ୍ରସାଦ ଡୁମୁରି, ପରମାନନ୍ଦ ବେହେରା ସହିତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।




ରାଉରକେଲା ଜିଲା ଯୁବ କଂଗ୍ରେସ କମିଟି ତରଫରୁ ବିକ୍ଷୋଭ କରାଯାଉଛି।

## ମାଟ୍ରିକ ପରୀକ୍ଷା ଦେଲେ ୧୨୮୩ ଛାତ୍ରୀଛାତ୍ର

ଉଲୁଣ୍ଡା,(ଡି.ଏନ.ଏ.): ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଉଲୁଣ୍ଡା ବ୍ଲକରେ ପ୍ରଥମ ଦିନରେ ୧୨୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। କୋଟସମଲେଇ ହାଇସ୍କୁଲରେ ୧୫୧ଜଣଙ୍କ ମଧ୍ୟରୁ ୧୪୪ଜଣ, ପଞ୍ଚମହଲାରେ ୧୭୧ରୁ ୧୬୪ଖ,ସିଂଦୋଳରେ ୧୯୦ରୁ ୧୮୧ଜଣ, ଉଲୁଣ୍ଡା ହାଇସ୍କୁଲରେ ୨୧୬ରୁ ୧୯୮ ଜଣ ପରୀକ୍ଷା ଦେଇଥିଲେ। ଧର୍ମଶାଳା ହାଇସ୍କୁଲରେ ୧୫୦ରୁ ୧୪୦ଜଣ, ଯାଲୋଏରେ ୧୮୮ରୁ ୧୭୬ଜଣ,କଳାପଥରରେ ୧୭୦ରୁ ୧୬୨ଜଣ ଏବଂ ଚଡେଇପଙ୍କରେ ୧୨୨ଜଣଙ୍କ ମଧ୍ୟରୁ ୧୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ମୋଟ ୭୫ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଡାକ୍ତରଖାନା ପଛପଟ ପୋଖରୀରେ ଶିଶୁକନ୍ୟାଙ୍କ ମୃତଦେହ

**ବରଗଡ଼ ଅଫିସ୍,୨୯।୪:** ବରଗଡ଼ ସହର ଉପକଣ୍ଠ ଖେଦାପାଲି(ଟୁକୁର୍ଲା)ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ପଛପଟ ପୋଖରୀରେ ଶୁକ୍ରବାର ଏକ ନବଜାତ ଶିଶୁକନ୍ୟାର ମୃତଦେହ ଭାସିବା ଘଟଣା ଆଲୋଡ଼ନ ଖେଳାଇ ଦେଇଛି। ଶିଶୁକନ୍ୟା କାହାର ଏବଂ କିଏ କେଉଁ ପରିସ୍ଥିତିରେ ତାକୁ ପୋଖରୀ ଭିତରକୁ ଫିଙ୍ଗି ଦେଇଛନ୍ତି, ତାହା ଜଣାପଡ଼ିନାହିଁ। ସନ୍ଧ୍ୟାରେ ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ, ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲେ । ତେବେ ଟୁକୁର୍ଲା ଗ୍ରାମବାସୀଙ୍କ ନିର୍ଭରଶୀଳ ପୋଖରୀକୁ ନବଜାତ ଫିଙ୍ଗାଯିବା ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଏହାର ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଅସହ୍ୟ ତାତି, ପାରଦ ଡେଇଁଲା ୪୨ ଡିଗ୍ରୀ

**ରୁପ୍ରା ରୋଡ,୨୯।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ଅଞ୍ଚଳରେ ଶୁକ୍ରବାର ତାପମାତ୍ରା ରେକର୍ଡ ୪୨ ଡିଗ୍ରୀ ଉପରେ ରହିଥିବା ଜଣାପଡିଛି। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ପୂର୍ବାହ୍ନ ୧୦ଟାରୁ ତାତି ବଢ଼ିଯାଉଥିବାବେଳେ ରାସ୍ତାଘାଟ, ବଜାର ଆଦି ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇପଡୁଛି। ଖରା ବଢ଼ିବା ଯୋଗୁ ନଦୀର ପାଣି ଶୁଖିଯିବା ଫଳରେ ଲୋକେ ଗୋଧାଇବା ପାଇଁ ହଇରାଣ ହେଉଥିବାବେଳେ ଗାଈଗୋରୁ ମଧ ପାଣି ଟୋପାଏ ପାଇପାରୁନାହାନ୍ତି। ଅନ୍ୟାନ୍ୟ ଅଞ୍ଚଳରେ ମଧ ୪୨ ଡିଗ୍ରୀ ଉପରେ ରହୁଥିବାରୁ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ବ୍ୟବସ୍ଥା ସହିତ ଅଂଶୁଘାତ ଚିକିତ୍ସା ପାଇଁ ବ୍ୟାପକ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। ଏପରି କି ପଥଚାରୀମାନଙ୍କ ପାଇଁ ପଞ୍ଚାୟତଗୁଡିକରେ ଜଳଛତ୍ର ଖୋଲାଯିବାକୁ ଦାବି ହେଉଛି।

# ସଂଗ୍ରହ ହୋଇପାରୁନି କଷ୍ଟମ ମିଲିଂ ଚାଉଳ

**ସୋନପୁର,୨୯।୪(ନି.ପ୍ର.)**

### ସୁବର୍ଣ୍ଣପୁର ଜିଲା

■୪୫ ପ୍ରତିଶତ ଚାଉଳ ଦେଇଛନ୍ତି ୪୭ ମିଲର୍ସ



ସୁବର୍ଣ୍ଣପୁର ଜିଲାରେ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରୁନି। ମିଲର୍ସଙ୍କଠାରୁ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ) ଓ ରାଜ୍ୟ ସରକାରଙ୍କ ଗୋଦାମ ଆରଆରସି(ଚାଉଳ ସଂଗ୍ରହ କେନ୍ଦ୍ର) ଚାଉଳ ନେଉନି। ବାହାର ରାଜ୍ୟକୁ ଚାଉଳ ଯାଉ ନ ଥିବାରୁ ଡୁଙ୍ଗୁରିପାଲିସ୍ଥିତ ଏଫସିଆଇ ଗୋଦାମ ଭର୍ତ୍ତି ହୋଇରହିଛି। ସେହିପରି ଅନ୍ୟ ଜିଲାକୁ ଚାଉଳ ଯାଉ ନ ଥିବାରୁ ରାଜ୍ୟ ସରକାର ମିଲର୍ସଙ୍କଠାରୁ କଷ୍ଟମ ମିଲିଂ ଚାଉଳ ସଂଗ୍ରହ କରୁ ନାହାନ୍ତି। ଜିଲାର ଆରଆରସିଗୁଡିକରେ ପ୍ରାୟ ୩ଲକ୍ଷ କୁଇଣ୍ଟାଲ ଚାଉଳ ଗଚ୍ଛିତ ରଖିବାକୁ ସ୍ଥାନ ରହିଛି। ସରକାର ଗୋଦାମ ଭଡା ବାବଦରେ ମାସିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଚାଉଳ ସଂଗ୍ରହ ହେଉ ନ ଥିବାରୁ ଗୋଦାମଗୁଡିକ ଖାଲି ରହିଛି। ସେହିପରି ଏହି ଜିଲାରୁ କଷ୍ଟମ ମିଲିଂ ଚାଉଳ ପୂର୍ବରୁ ବଲାଙ୍ଗୀର ଜିଲାର ମଲମୁଣ୍ଡା ଏଫସିଆଇ ଗୋଦାମକୁ ଯାଉଥିଲା। ଏବେ ଗୋଦାମ ଖାଲି ଥିଲେ ହେଁ ଚାଉଳ ସଂଗ୍ରହ ବନ୍ଦ ରହିଛି। ଏହା ସୁବର୍ଣ୍ଣପୁର ଜିଲାର ୪୭ ମିଲର୍ସ ଓ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

ଏହି ଜିଲାରେ ଖରିଫ୍ ଓ ରବିରେ ଅଧିକ ଧାନ ଉତ୍ପାଦନ ହୋଇଥାଏ। ଚାଷୀଙ୍କଠାରୁ ସଂଗୃହୀତ ଧାନକୁ ମିଲିଂ କରି ସରକାର ବାହାର ରାଜ୍ୟ ଓ ଜିଲାକୁ ପଠାଇଥାନ୍ତି। କିନ୍ତୁ ଚାଉଳ ଆଉ ବାହାରକୁ ଯାଉନି। ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ ହୋଇ ନ ପାରିଲେ ରବିଋତୁ ଧାନକିଣାରେ ବାଧା ଉପୁଜିବ। ମିଲର୍ସଙ୍କ ଗୋଦାମଗୁଡିକରେ ଚାଉଳ ଓ ଧାନ ଭର୍ତ୍ତି ହୋଇ ରହିଛି। ଆଉ କିଛି ଦିନ ପରେ ଜିଲାରେ ରବି ଧାନ ଅମଳ ଆରମ୍ଭ ହୋଇଯିବ। ମେ ୧୬ ତାରିଖରୁ ରବି ଋତୁ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିବ। ଏଭଳି ସ୍ଥିତିରେ ଜିଲାର ମିଲର୍ସମାନେ ଧାନ ସଂଗ୍ରହରେ ଅଂଶଗ୍ରହଣ କରିବା ନେଇ ସନ୍ଦେହ ପ୍ରକାଶ ପାଇଛି। ୨୦୨୧-୨୨ ଖରିଫ ଋତୁରେ ଏହି ଜିଲାରୁ ୩୩ଲକ୍ଷ ୮୬ହଜାର ୫୪୭କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସୁବର୍ଣ୍ଣପୁର ଜିଲାର ୪୭ ମିଲର୍ସ ୩୩ଲକ୍ଷ ୪୩ହଜାର ୧୪୬କୁଇଣ୍ଟାଲ, ସମ୍ବଲପୁର ଜିଲାର ୪ଟି ମିଲର୍ସ ୪୩ହଜାର ୪୦୦କୁଇଣ୍ଟାଲ ଧାନ ନେଇଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ସବର୍ଣ୍ଣପୁର ଜିଲାର ମିଲର୍ସମାନେ ଏପ୍ରିଲ ୩୦ ତାରିଖ ସୁଦ୍ଧା ୨୨ଲକ୍ଷ ୭୩ହଜାର ୩୩୮କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେବା କଥା। ତେବେ ଚଳିତମାସ ୨୯ ତାରିଖ ସୁଦ୍ଧା ଜିଲାର ମିଲର୍ସ ଏଫସିଆଇ ଗୋଦାମକୁ ୬ଲକ୍ଷ ୬୦ହଜାର ୬୪୦କୁଇଣ୍ଟାଲ ଓ ଆରଆରସି ଗୋଦାମକୁ ୩ଲକ୍ଷ ୭୫ହଜାର ୫୯୦କୁଇଣ୍ଟାଲ ଚାଉଳ ଦେଇଛନ୍ତି। ଯାହାକି ସରକାରଙ୍କୁ ଦିଆଯିବାକୁ ଥିବା ଚାଉଳର ମାତ୍ର ୪୫.୫୮% ପ୍ରତିଶତ। ଆହୁରି ୧୨ଲକ୍ଷ ୩୭ହଜାର ୧୦୮କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ଦେବାକୁ ବାକି ଅଛି। ମିଲର୍ସ ଚାଉଳ ମିଲିଂ କରି ରଖିଛନ୍ତି, କିନ୍ତୁ ସରକାର ନେଉନାହାନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ଯୋଜନାରେ ୧ ଟଙ୍କିଆ ଚାଉଳ, ଅନ୍ତୋଦ୍ୟୋୟ ଅନ୍ନପୂର୍ଣ୍ଣା ଯୋଜନାରେ ଏବଂ କରୋନା ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଜିଲାର ଗରିବ ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଦିଆଯିବା କାରଣରୁ ଗୋଦାମରୁ ମାସିକ ୩୧ ହଜାର କୁଇଣ୍ଟାଲ ଖାଲି ହେଉଛି। ଏହା କିନ୍ତୁ ସମୁଦ୍ରକୁ ଶଙ୍ଖେ । ତେଣୁ ଏଫ୍‌ସିଆଇ ଗୋଦାମରୁ ବାହାର ରାଜ୍ୟକୁ ଚାଉଳ ନ ଗଲେ ଚାଉଳ ସଂଗ୍ରହ ବନ୍ଦ ରହିବ । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ୪୭ଟି ମିଲର୍ସଙ୍କ ନିକଟରୁ କଷ୍ଟମ ମିଲିଂ ଚାଉଳ ନେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ମିଲର୍ସ ସଂଘ ଦାବି କରିଛି। ମିଲଗୁଡିକରେ ଚାଉଳ ଅଧିକ ଦିନ ଗଚ୍ଛିତ ରହିଲେ ତାହା ନଷ୍ଟ ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କୁହନ୍ତି, ଜିଲା ଧାନ ସଂଗ୍ରହ କମିଟି ବୈଠକରେ ଏ ବାବଦରେ ଆଲୋଚନା ହୋଇଥିଲା। ସରକାର ଏ ବାବଦରେ ଅବଗତ ଅଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବୁ।

# ଗାତ ଖୋଳିଲେ, ପାଇପ ବିଛାଇଲେନି



ପାଇପ ବିଛାଇବା ପାଇଁ ଖୋଳା ଯାଇଥିବା ଗାତ ।

**ସଇଁତଳା, ୨୯।୪(ଡି.ଏନ.ଏ.)**

■ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

■ବିନା ଅନୁମତିରେ କଂକ୍ରିଟ ରାସ୍ତା ଖୋଲୁଛି ଠିକାସଂସ୍ଥା

ବଲାଙ୍ଗୀର ଜିଲା ସଇଁତଳା ଜଳ ଓ ପରିମଳ ବିଭାଗ ତରଫରୁ ବ୍ଲକ ଛକଠାରେ ପାଇପ ବିଛାଇବା ପାଇଁ ଗତ ୧୫ଦିନରୁ ଉର୍ଦ୍ଧ୍ୱ ହେଲା ଗାତ ଖୋଳା ଯାଇଛି। ହେଲେ ପାଇପ ବିଛାଇ ଗାତରେ ମାଟି ନ ଭରିବାରୁ ଲୋକେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଇତିଶ୍ରୀ ଦେହୁରୀଙ୍କ ସୂତ୍ରରୁ ପ୍ରକାଶ ସଇଁତଳା ବ୍ଲକ ଅଞ୍ଚଳରେ ଜଳ ଯୋଗାଣ ପାଇଁ ପାଇପ ବିଛାଇବା କାମ ଏକ ଠିକାସଂସ୍ଥାକୁ ଦିଆଯାଇଛି। ତିନିଫୁଟର ଗାତ ଖୋଳିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଠିକାସଂସ୍ଥା ଦେଢ଼ଫୁଟ ଗାତ ଖୋଳି ପାଇପ ବିଛାଉଥିବା ଅଭିଯୋଗ ହୋଇଥିଲା। ଯନ୍ତ୍ରୀ ଦେହୁରୀ ଠିକାସଂସ୍ଥାକୁ ଠିକ୍ ଭାବେ କାମ କରିବ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗାତ ଖୋଳିବାର ୧୫ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଠିକାସଂସ୍ଥା କାମବନ୍ଦ କରିଦେଇଛି। କିଛିଦିନ ତଳେ ପିଡ଼ବ୍ଲ୍ୟୁଡ଼ି ବିଭାଗ ତରଫରୁ ରାସ୍ତା କଡ଼ କଂକ୍ରିଟକରଣ ସହ ବ୍ଲକକୁ ରାସ୍ତା ନିର୍ମାଣ ହୋଇଥିଲା। ଉକ୍ତ ରାସ୍ତାକୁ ବିନା ଅନୁମତିରେ ସମ୍ପୃକ୍ତ ଠିକାସଂସ୍ଥା ଖୋଳିଛି। ଏ ବିଷୟରେ ଠିକା କରୁଥିବା ସଂସ୍ଥାର ଜଣେ କର୍ମଚାରୀଙ୍କୁ ପଚାରିବାରୁ କାମ ସରିବାପରେ କଂକ୍ରିଟକରଣ କରାଯିବ ବୋଲି କହିଥିଲେ।

# କାମରେ ଆସୁନି ଥଣ୍ଡା ପାନୀୟ ପ୍ରକଳ୍ପ



କାର୍ଯ୍ୟକ୍ଷମ ହୋଇ ନ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ।

**ଦେଓଗାଁ, ୨୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜନସାଧାରଣଙ୍କ ପାଇଁ ସ୍ଥାପିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି। ଶୁକ୍ରବାର ସ୍ଥାନୀୟ ଜନସାଧାରଣ ଏ ନେଇ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ୧ଲକ୍ଷ ୪୦ ହଜାର ଟଙ୍କାରେ ଶୀତଳ ଜଳ ଗୃହ ନିର୍ମାଣ କାମ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଗୃହ ନିର୍ମାଣ ସରିଛି। ମେଶିନ ବସାଇ ଥିଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥାନ୍ତା। ହେଲେ ତାହା ନ ହେବାରୁ ଲୋକେ ଏହି ନିଦାଘ ଗ୍ରୀଷ୍ମରେ ତାହାର ସୁଫଳ ପାଇପାରୁ ନ ଥିବା ଗାଁର ରାଜେନ୍ଦ୍ର ବିଶ୍ୱାଳ, ଆଲୋକ ପଧାନ, ରଞ୍ଜିତ ପଧାନ, ଶରତ ସେଠ, ରମେଶ ମହାପାତ୍ର, ଶମ୍ଭୁଭୂଷଣ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି । ବ୍ଲକ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

ଭଜନ ସମାରୋହ ପାଇଁ ଯୋଗାଯୋଗ କରନ୍ତୁ
ଆମ କଳା ସଂସଦର କଳାକାରମାନଙ୍କ ଦ୍ୱାରା କୋଶଲୀ, ଓଡ଼ିଆ, ହିନ୍ଦୀ, ସଂସ୍କୃତ ଭଜନ ଏବଂ ଓଡ଼ିଶୀ, ଛାନ୍ଦ, ଚମ୍ପୁ ଇତ୍ୟାଦି ପରିବେଷଣ କରାଯାଏ ।



ସଭାପତି
ଜୟଦେବ କଳା ସଂସଦ,
ବଲାଙ୍ଗୀର
ମୋ. ନଂ.9438770593



**କୃଷି ପ୍ରଦର୍ଶନୀ, କୃଷକ ମେଳା**

ଜାମଟିକ୍ରା,(ଡି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ଗମ୍ଭାରୀପାଲିରେ ଶୁକ୍ରବାର ଜିଲାସ୍ତରୀୟ କୃଷି ପ୍ରଦର୍ଶନୀ ଓ କୃଷକ ମେଳା କୃଷି ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତି ଉପାଧ୍ୟକ୍ଷ ଅନନ୍ତ ମେହେର, ଚିପିଲିମା କୃଷି ମହାବିଦ୍ୟାଳୟର ଡ. ଗୋକୁଳ ବିହାରୀ ଦାସ ଯୋଗଦେଇ ପ୍ରାକୃତିକ କୃଷି ଉପରେ ଆଲୋଚନା କରିଥିଲେ। ନରସିଂହ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗ୍ରାମ୍ୟ ଗୋଷ୍ଠୀ କେନ୍ଦ୍ରରେ ଚାଲିଛି ସ୍କୁଲ

**ଲାଠୋର,୨୯।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ହାଟପଦା ପଡ଼ା ସରକାରୀ ପ୍ରଥମିକ ବିଦ୍ୟାଳୟ ଗ୍ରାମ୍ୟ ଗୋଷ୍ଠୀ କେନ୍ଦ୍ରରେ ଚାଲିଛି। ୧୯୭୯ମସିହାରେ ସ୍ଥାପିତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଥିବା ବେଳେ ୮୪ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨୦୧୯ ମସିହା ପର୍ଯ୍ୟନ୍ତ ଏହି ବିଦ୍ୟାଳୟ ଷ୍ଟେଶନ ପଡ଼ା ନିକଟ ବିଦ୍ୟୁତ୍ ସବ ଷ୍ଟେଶନଠାରେ ନିଜସ୍ୱ ବିଲଡ଼ିଙ୍ଗରେ ଚାଲୁଥିଲା। ହେଲେ ବିଦ୍ୟୁତ ତାର ଶ୍ରେଣୀଗୃହ ଛାତକୁ ଲାଗି କରିଯାଇଥିବାରୁ ବହୁ ସମୟରେ ଚାର୍ଜ ହୋଇଯାଉଥିଲା। ଏପରିକି ପାଖରେ ଥିବା ନଳକୂପ ପାଣି ମାରିଲେ କରେଣ୍ଟ ଲାଗୁଥିଲା। ଅଭିଯୋଗ ପରେ ମଧ ବିଦ୍ୟୁତ୍ ବିଭାଗ କର୍ଣ୍ଣପାତ ନ କରିବାରୁ ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ୧୨ଜୁଲାଇ ୨୦୧୯ରୁ ଗ୍ରାମ୍ୟ ଗୋଷ୍ଠୀ କେନ୍ଦ୍ରରେ ପାଠପଢ଼ା ଚାଲିଛି। ବ୍ଲକ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ବିଦ୍ୟାଳୟକୁ ପରିଦର୍ଶନରେ ଆସି ସମସ୍ୟା ଉପରେ ଅବଗତ ହେଲେ ମଧ ସମାଧାନର ବାଟ ବାହାର କରୁ ନାହାନ୍ତି। ବିଦ୍ୟାଳୟ ପରିଚାଳନା ସମିତି ଘଟଣା ସମ୍ପର୍କରେ ତହସିଲଦାର ଏବଂ ବିଡ଼ିଓଙ୍କୁ ଅବଗତ କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହା କହିଛନ୍ତି।

### ବାବୁଲାଲ ତେରାପନ୍ଥ ଜୈନସଭା ସଭାପତି ନିର୍ବାଚିତ

**ଟିଟିଲାଗଡ,୨୯।୪(ଡି.ଏନ.ଏ.):** ଟିଟିଲାଗଡ଼ ତେରାପନ୍ଥ ଜୈନସଭା ସଭାପତିଭାବେ ବାବୁଲାଲ ଜୈନ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜଗଦୀଶ ଜୈନଙ୍କୁ ୯ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ମୋଟ ୮୦ଜଣଙ୍କ ମଧରୁ ୪୩ଜଣ ମତଦାନ କରିଥିଲେ। ସେଥିରୁ ବାବୁଲାଲ ୨୬ଖଣ୍ଡ ଭୋଟ ପାଇଥିବା ବେଳେ ଜଗଦୀଶ ଜୈନଙ୍କୁ ମିଳିଥିଲା ୧୭ଖଣ୍ଡ ଭୋଟ। ନିର୍ବାଚନ ପାଇଁ ୩ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶେଷରେ ଜଣେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯିବାରୁ ବାବୁଲାଲ ଓ ଜଗଦୀଶଙ୍କ ମଧରେ ଟକ୍କର ହୋଇଥିଲା ନିର୍ବାଚନ ପରିଚାଳନା କରିଥିଲେ ମାମରାଜ ଜୈନ।

### ୧୪୫ କେନ୍ଦ୍ରରେ ୨୩,୧୨୨ ପରୀକ୍ଷାର୍ଥୀ

**କଳାହାଣ୍ଡି ଜିଲା: ମାଟ୍ରିକ ପରୀକ୍ଷା**

**ଭବାନୀପାଟଣା,୨୯।୪ (ସ୍ୱ.ପ୍ର.):** ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା(ସମେଟିଭ ଆସେସମେଣ୍ଟ-୨) ଆରମ୍ଭ ହୋଇଛି। କରୋନା ମହାମାରୀ ଯୋଗୁ ଗତ ୨ବର୍ଷ ଧରି ବନ୍ଦ ଥିବା ଏହି ପରୀକ୍ଷା ଅଫ୍‌ଲାଇନ ମଧରେ ହୋଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାର ୧୪୫ଟି କେନ୍ଦ୍ରରେ ୨୩ହଜାର ୧୨୨ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କଠୁ ଏହା ଜଣାପଡିଛି। ପ୍ରଥମ ଦିନରେ ଇଂଲିଶ ପରୀକ୍ଷା ହୋଇଥିଲା। ସକାଳ ୮ରୁ ୧୦ ଏହି ପରୀକ୍ଷା ହୋଇଥିଲା। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। କପିକୁ ରୋକିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡର ବ୍ୟବସ୍ଥା କରାଯାଇଛି। ୨ବର୍ଷ ପରେ ଅଫଲାଇନ ପରୀକ୍ଷା ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି।

### ଆମ୍ ଆଦ୍‌ମୀ ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ନାର୍ଲ,୨୯।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ଡାକ ବଙ୍ଗଳାଠାରେ ଆମ ଆଦମୀ ପାର୍ଟି ପକ୍ଷରୁ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲା ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ କୁମାରଙ୍କ ନେତୃତ୍ୱରେ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇଥିବା ବେଳେ ଜିଲା ପ୍ରଭାରୀ କୃତିବାସ ମୁଣ୍ଡ, ଉପସଭାପତି ପି. ଶଙ୍କର ରେଡ୍ଡୀ ମଞ୍ଚାସୀନ ଥିଲେ। ବୈଠକରେ ରାଜ୍ୟ ସରକାର ତୁରନ୍ତ ୨୦୦ ୟୁନିଟ ବିଦ୍ୟୁତ୍ ବିଲ ଫ୍ରି କରିବା ସହିତ ଜିଲାର ପ୍ରତେକ ଘର ଘର୍ ବୁଲି ଆମ ଆଦମୀ ପାର୍ଟିର ଦସ୍ତଖତ ଅଭିଯାନ ଆରମ୍ଭ କରିବା ପାଇଁ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଆହ୍ୱାନ ଦେଇଥିଲେ। ବୈଠକରେ ନର୍ଲା ବିଧାନ ସଭାର ଅନେକ ଯୁବକ ଆମ ଆଦମୀ ପାର୍ଟିରେ ଭାବେ ଯୋଗଦେଇଥିଲେ। ବୈଠକରେ ଭଗବାନ ସାହୁ, ଦଶରଥ ସାହୁ, ଅର୍ଚ୍ଚୁତ ସାହୁ, ଟୁନି ତାଣ୍ଡି, ବସନ୍ତ କରୁଆ, ଲତା ରାଣୀ ସାହୁ, ବନିତା ସେଟ, ବବୃ ବାହନ ହରିଜନ, ଖିରସିନ୍ଧୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭରୁ ଉତ୍ସାହ, ପରୀକ୍ଷାର୍ଥୀ ଖୁସି

**ବରଗଡ଼ ଅଫିସ୍,୨୯।୪**

ଶୁକ୍ରବାରରୁ ଆରମ୍ଭ ହୋଇଛି ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା। ଦୀର୍ଘ ୨ବର୍ଷ ବ୍ୟବଧାନ ପରେ ମାଟ୍ରିକ ଛାତ୍ରୀଛାତ୍ର ଅଫଲାଇନ୍ ପରୀକ୍ଷା ଦେଇଛନ୍ତି। ଟାଣଖରା ଯୋଗୁ ଏଥର ଦିନକୁ ଗୋଟିଏ ସିଟିଂ ପରୀକ୍ଷା ଦେଉଛନ୍ତି। ଏଭଳିଭାବେ ବରଗଡ଼ ଜିଲାରେ ସମୁଦାୟ ୧୯ହଜାର ୭୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିବସରେ ୧୮ହଜାର ୯୪ଜଣ ପରୀକ୍ଷା ଦେଇଛନ୍ତି। ବିଭିନ୍ନ କାରଣରୁ ୧୬୧୩ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସି ନାହାନ୍ତି। ତେବେ ପରୀକ୍ଷା ଦେଇଥିବା କେତେକ ଛାତ୍ରୀଛାତ୍ରଙ୍କୁ ପ୍ରଥମ ଦିବସ ପରୀକ୍ଷା ଅନୁଭୂତି ପଚାରିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା...



ଛାତ୍ରୀମାନେ ପରୀକ୍ଷାକେନ୍ଦ୍ରକୁ ଯାଉଛନ୍ତି।

### ପରୀକ୍ଷାକେନ୍ଦ୍ରରେ କୋଭିଡ୍ କଟକଣା



"କୋଭିଡ୍‌ର ଚତୁର୍ଥ ଲହର ଆସିବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ପରୀକ୍ଷାକେନ୍ଦ୍ରରେ ବ୍ୟବସ୍ଥା ହୋଇଥିଲା। ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରିବା ସମୟରେ ମାସ୍କ, ସାନିଟାଇଜର ଚେକିଂ କରାଯାଇଥିଲା। ପରୀକ୍ଷା କେନ୍ଦ୍ରରେ ସାମାଜିକ ଦୂରତା ରଖି ସିଟ୍ ରହିଥିଲା। ବହୁତ ଭଲ ଲାଗିଲା।

**ଆଲୋକ ପ୍ରଧାନ,**
**ଆଞ୍ଚଳିକ ହାଇସ୍କୁଲ, ଶ୍ରୀହରି ନଗର**

### ଗୋଟିଏ ସିଟିଂ, ଭଲ ପଦକ୍ଷେପ

"ଟାଣଖରାକୁ ଦୃଷ୍ଟିରେ ରଖି ଗୋଟିଏ ସିଟିଂ ପରୀକ୍ଷା ହେଉଛି। ଭଲ ପଦକ୍ଷେପ ନିଆଯାଇଛି। ଆଜି ଇଂଲିଶ ପରୀକ୍ଷା ଥିଲା। ୨ବର୍ଷ ପରେ ଅଫଲାଇନ ପରୀକ୍ଷା ଦେଉଥିବା ଯୋଗୁ ଶ୍ରେଣୀଗୃହରେ ଅଫଲାଇନ ପରୀକ୍ଷା ଦେଉଛୁ। ବହୁତ ଭଲ ଲାଗୁଛି। ପରୀକ୍ଷାକେନ୍ଦ୍ରରେ ମଧ୍ୟ ସବୁ ବ୍ୟବସ୍ଥା ଠିକ୍ ରହିଛି। ପାନୀୟଜଳ ସହିତ ଶ୍ରେଣୀଗୃହରେ ପଙ୍ଖାର ବ୍ୟବସ୍ଥା କରାଯାଇଛି।



**ହରେକୃଷ୍ଣ ସାହୁ,**
**ଆଞ୍ଚଳିକ ହାଇସ୍କୁଲ, ଶ୍ରୀହରି ନଗର**

### ଦୂର ହେଲା ଦ୍ୱନ୍ଦ୍ୱ



"ଏଥର ପରୀକ୍ଷା ଅନଲାଇନ ହେବ କି ଅଫଲାଇନରେ ହେବ, ସେ ନେଇ ଦ୍ୱନ୍ଦ୍ୱରେ ଥିଲୁ। ଦୀର୍ଘ ଦୁଇବର୍ଷ ପରେ ଏଥର ପରୀକ୍ଷା କିଭଳି ହେବ ବୋଲି ଟିକିଏ ମନରେ ଶଙ୍କା ରହିଥିଲା। ମାତ୍ର ପ୍ରଥମ ଦିନର ପରୀକ୍ଷା ଭଲ ହୋଇଛି।

**ଅସୀମ କୁମାର,**
**ଆଞ୍ଚଳିକ ହାଇସ୍କୁଲ, ଶ୍ରୀହରି ନଗର**

### ନିଜ ସ୍କୁଲରେ ପରୀକ୍ଷା ଦେଇ ଖୁସି



"ଚଳିତବର୍ଷ ଆମେ ଆମ ସ୍କୁଲରେ ପରୀକ୍ଷା ଦେବା ସୁଯୋଗ ପାଇଛୁ। ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ସରକାରଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। ଖରାରେ ଅନ୍ୟ ସ୍କୁଲକୁ ପରୀକ୍ଷା ଦେବା ପାଇଁ ଯାଇଥିଲେ ବହୁ ହଇରାଣ, ହରକତର ସମ୍ମୁଖୀନ ହୋଇଥାନ୍ତୁ। ନିଜ ସ୍କୁଲରେ ପରୀକ୍ଷା ଦେଇ ବହୁତ ଖୁସି ଅନୁଭବ କରୁଛି।

**ଖୁସି ବରିହା,**
**ରାଣାପ୍ରତାପ ହାଇସ୍କୁଲ, ବରଗଡ଼**

### ପଢ଼ିବା ପାଇଁ ମିଳିଥିଲା ସମୟ



"ମାଟ୍ରିକ ପରୀକ୍ଷା ଫଳାଫଳ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ପୂର୍ବରୁ ଭଲଭାବେ ପରୀକ୍ଷା ପ୍ରସ୍ତୁତି କରିଥିଲି। ପଢ଼ିବା ପାଇଁ ସମୟ ମଧ୍ୟ ମିଳିଥିଲା। ତଥାପି ୨ବର୍ଷ ପରେ ଅଫଲାଇନ ପରୀକ୍ଷା ହେବା ଜାଣି ଟିକିଏ ଅଡୁଆ ଲାଗୁଥିଲା। ମାତ୍ର ପ୍ରଥମ ଦିନ ପରୀକ୍ଷା ସରିବା ପରେ ସେହି ଦ୍ୱନ୍ଦ୍ୱ ଦୂର ହୋଇଛି।

**ମଧୁସ୍ମିତା ପ୍ରଧାନ**
**ବାଳିକା ହାଇସ୍କୁଲ, ଗୁଡ଼େଶିରା**

### ପଢ଼ିବା, ପରୀକ୍ଷା ଦେବା ଅଲଗା ଅନୁଭୂତି



"ସାଙ୍ଗସାଥୀଙ୍କ ସହିତ ଶ୍ରେଣୀଗୃହରେ ଏକାଠି ପଢ଼ିବା ଏବଂ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବାର ଅଲଗା ଅନୁଭୂତି ଅନୁଭବ କଲି। ଶ୍ରେଣୀଗୃହରେ ମିଳାମିଶା ପାଇଁ ଅଧିକ ସମୟ ମିଳିଥାଏ। ହେଲେ ପରୀକ୍ଷାକେନ୍ଦ୍ରରେ ସେଭଳି ସମୟ ମିଳି ନଥାଏ। ୨ଘଣ୍ଟା ପରୀକ୍ଷା ଦେବା ପରେ ସମସ୍ତେ ନିଜ ଘରକୁ ଫେରୁଛୁ।

**ସୁମି ସାହୁ,**
**ବାଳିକା ହାଇସ୍କୁଲ, ଗୁଡ଼େଶିରା**

## ବଚସାକୁ ନେଇ ହାତାହାତି, ଚିକିତ୍ସାଧୀନଙ୍କ ମୃତ୍ୟୁ

**ଦେଓଗାଁ, ୨୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ସାଲେପାଲିରେ ଆଖୁଚାଷ ବଳଦ ଖାଇ ଦେବାକୁ କେନ୍ଦ୍ର କରି ଦୁଇଜଣ ହାତାହାତି ହୋଇଥିଲେ। ଏଥିରେ ଜଣେ ତଳେ ପଡିଯାଇ ଭିକାରୀ ସାମଲ(୬୩) ଗୁରୁତର ହୋଇଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପ୍ରଚାରିତ ହେବା ପରେ ସାଲେପାଲିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭିକାରୀଙ୍କ ମୃତ୍ୟୁ ପାଇଁ ଦାୟି ବ୍ୟକ୍ତିଙ୍କୁ ଗିରଫ କରିବାକୁ ତାଙ୍କ ପରିବାର ଲୋକେ ଦାବି କରିଥିଲେ। ତେବେ ଫେରାର ଥିବା ଅଭିଯୁକ୍ତ ସଞ୍ଜୟ ସାମଲଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି ବୋଲି ଏସଆଇ ଜଗତଜୀବନ ସା କହିଛନ୍ତି। ଗତ ୨୪ ତାରିଖରେ ଭିକାରୀ ନିକଟସ୍ଥ କ୍ଷେତରେ ଗୋରୁ ଚରାଉଥିଲେ। ଏହି ସମୟରେ ତାଙ୍କ ଗୋରୁ ସଞ୍ଜୟ ସାମଲଙ୍କ ଆଖୁ କିଆରିରେ ପଶି ନଷ୍ଟ କରିଥିଲେ। ସଞ୍ଜୟ ଭିକାରୀଙ୍କ ଘରକୁ ଆସି କ୍ଷତିପୂରଣ ମାଗିବାରୁ ଉଭୟଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା। ଭିକାରୀଙ୍କ ସ୍ତ୍ରୀ ଦିପାଞ୍ଜଳି ସାମଲ ଏ ନେଇ ଦେଓଗାଁ ଥାନାରେ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ରାତିରେ ଏଠାରେ ପହଞ୍ଚିବା ପରେ ପରିବାର ଲୋକେ ଥାନା ସମ୍ମୁଖରେ ରଖି କ୍ଷତିପୂରଣ ଦାବି କରିଥିଲେ।

# ଲୋକକଳା ଆମର ସାଂସ୍କୃତିକ ପରିଚୟ

**ବଲାଙ୍ଗୀର ଅଫିସ,୨୯।୪**




ଉଦ୍‌ଯାପନୀ ଉତ୍ସବରେ କଳାକାରଙ୍କ ସହ ଅତିଥିମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ସପ୍ତମ ଲୋକକଳା ଉତ୍ସବ ଉଦ୍‌ଯାପିତ**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ତିନିଦିନ ଧରି ଚାଲିଥିବା ସପ୍ତମ ଲୋକକଳା ଉତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଗୁରୁଶ୍ରୀ ଘାସିରାମ ମିଶ୍ର, ଅଖିଳ ଚନ୍ଦ୍ର ହୋତା ଯୋଗଦାନ କରିଥିଲେ। ମୁଖ୍ୟଅତିଥି ବିଧାୟକ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଲୋକକଳା ଓ ଲୋକସଂସ୍କୃତି ହିଁ ଗୋଟିଏ ଅଞ୍ଚଳର ସାଂସ୍କୃତିକ ପରିଚୟ ବୋଲି କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଲୋକ କଳା ଓ ଲୋକ ସଂସ୍କୃତି ଉପରେ ଗବେଷଣା ପାଇଁ ବିଭାଗ ଖୋଲିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୌରାଧକ୍ଷା ସାହୁ ବଲାଙ୍ଗୀରର ଲୋକକଳା ଓ କଳାକାରଙ୍କ ପ୍ରତିଭା ଉପରେ କହିଥିଲେ। ଗୁରୁଶ୍ରୀ ମିଶ୍ର ଲୋକକଳାର ତାତ୍ପର୍ଯ୍ୟ ଓ ଏହାର ଗାମ୍ଭୀର୍ଯ୍ୟ ବିଷୟରେ କହିଥିଲେ। ଲୋକକଳା ଉତ୍ସବ ଅଧକ୍ଷ ଡ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସନ୍ଦୀପ କୁମାର କୁଅଁର ସଭା ସଂଯୋଜନା କରିଥିଲେ। ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅର୍ଜୁନ ସାହୁ ଓ ଜ୍ୟୋତି ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋମନାଥ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ କୁନା ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟକ ମହାଲିଙ୍ଗ ଓ ପୌରାଧକ୍ଷା ସାହୁ କଳାକାରଙ୍କ ସହ ନୃତ୍ୟ ପରିବେଷଣ କରିଥିଲେ। ତୁଷରା କୃଷ୍ଣପ୍ରିୟା କଳା ପରିଷଦର ଘୁଡ୍‌କା, ଖରସୁଆଁର ଛଉ, ଆସାମର ରାବା ନୃତ୍ୟ, ବିହାର ଭୋଜପୁରୀ, ମୟୂରଭଞ୍ଜର ଛଉ, ଆସାମର ବିହୁ, ପୁରୁଲିଆର ଛଉ, ଖୋର୍ଦ୍ଧାର ପାଇକ ଆଖଡା ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଲୋକଗୀତ କାର୍ଯ୍ୟକ୍ରମକୁ କବି ଅର୍ଜୁନ ସାହୁ ପରିଚାଳନା କରିଥିଲେ।

# ଯୁବକଙ୍କୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ

**ପାଟଣାଗଡ, ୨୯।୪(ଡି.ଏନ.ଏ.)**

**ଜାଲ୍‌ନୋଟ କାରବାର**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପଣ୍ଡାମୁଣ୍ଡା ଗାଁରେ ଜାଲ ନୋଟ କାରବାର କରୁଥିବା ସମୟରେ ଜଣେ ଯୁବକଙ୍କୁ ଗାଁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ଅନନ୍ତ ପଧାନ କହିଛନ୍ତି। ସୂଚନା ଅନୁସାରେ, କିଛି ଦିନ ହେବ ପଣ୍ଡାମୁଣ୍ଡା ଗାଁରେ ଥିବା ବିଭିନ୍ନ ଦୋକାନ ଓ ମଦଭାଟିକୁ ଯାଇ କେତେକ ଯୁବକ ଜାଲନୋଟ ଦେଇ କିଣାବିକା କରୁଥିଲେ। ଗୁରୁବାର ଅପରାହ୍ନରେ ଜଣେ ଯୁବକ ଏକ ଲାଲାରଙ୍ଗର ବାଇକ୍‌ରେ ଆସି ପଣ୍ଡାମୁଣ୍ଡାର ଏକ କିରାନା ଦୋକାନରେ ୩୦ଟଙ୍କାର ସାମଗ୍ରୀ କିଣି ୨ଶହ ଟଙ୍କା ଦୋକାନୀଙ୍କୁ ଦେଇଥିଲେ। ଦୋକାନୀ ୩୦ଟଙ୍କା ରଖି ଅବଶିଷ୍ଟ ୧୭୦ ଟଙ୍କା ଉକ୍ତ ଯୁବକଙ୍କୁ ଫେରସ୍ତ କରିଥିଲେ। ଏହାପରେ ସେହି ଯୁବକ ବିଛିଲିବାହାଲରେ ଥିବା ଏକ ମଦଭାଟିକୁ ଯାଇ ୨ଶହ ଟଙ୍କାର ମଦ ପାଉଚ କିଣିଥିଲେ। ଟଙ୍କା ଦେବା ସମୟରେ ମଦ ବେପାରୀ ଏହା ଜାଲନୋଟ୍ ବୋଲି ସନ୍ଦେହ କରିଥିଲେ। ପରେ ସମ୍ପୃକ୍ତ ଯୁବକଙ୍କୁ ଗ୍ରାମର କେତେକଙ୍କ ଉପସ୍ଥିତିରେ ପଚରାଉଚରା ପରେ ସେ ଡୁମେରପଦର ଗାଁର ବୀଣା ଦାସ ବୋଲି ପରିଚୟ ଦେଇଥିଲେ। ଏହି ଜାଲ ନୋଟକୁ ସେ ବାବେଜୁରୀର ବଳଦେବ ଭୋଇ ଓ ବିଛିଲିବାହାଳର କୁଶଧ୍ୱଜ ଧରୁଆଙ୍କଠାରୁ ଆଣିଥିବା କହିଥିଲେ। ଏହାପରେ ଗ୍ରାମରେ ଏକ ବୈଠକ ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ରାତିରେ ଆସି ନ ଥିଲା। ସକାଳେ ଏଏସଆଇ ସୁଦର୍ଶନ ଦୋରା ପଣ୍ଡାମୁଣ୍ଡା ଗାଁକୁ ଯାଇ ଗ୍ରାମବାସୀ ଅଟକ ରଖିଥିବା ଯୁବକଙ୍କୁ ଥାନାକୁ ଆଣିଥିଲେ। ଯାଞ୍ଚ ପରେ ଉକ୍ତ ଯୁବକଙ୍କଠାରୁ ପୋଲିସ ୪ଟି ଲେଖାଏ ୫ଶହ ଓ ୨ଶହ ଟଙ୍କା ଜାଲ ନୋଟ୍ ଜବତ କରିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ଏ ସମ୍ପର୍କରେ କେହି ଲିଖିତ ଅଭିଯୋଗ କରି ନ ଥିବା ଥାନାଧିକାରୀ ପ୍ରଧାନ କହିଛନ୍ତି।

## ପ୍ରଶାନ୍ତ ଦାଶଙ୍କୁ ପଶ୍ଚିମ ଓଡ଼ିଶା ଶ୍ରୀ ଟାଇଟଲ

**ବଲାଙ୍ଗୀର ଅଫିସ, ୨୮।୪**

ରାଉରକେଲାଠାରେ ଆୟୋଜିତ ପଶ୍ଚିମ ଓଡିଶା ଶ୍ରୀସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବଲାଙ୍ଗୀରର ପ୍ରଶାନ୍ତ ଦାଶ ଶ୍ରେଷ୍ଠ ପ୍ରଦର୍ଶନ କରି ପଶ୍ଚିମ ଓଡିଶା ଶ୍ରୀଟାଇଟଲ ଜିତିଛନ୍ତି। ସୁନ୍ଦରଗଡ ଆମେଚର ବଡି ବିଲଡର୍ସ ଆସୋସିଏସନ ପକ୍ଷରୁ ସିଭିକ୍ ସେଣ୍ଟରଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫୫ରୁ ୬୦ କେଜି ବର୍ଗରେ ବଲାଙ୍ଗୀରର ଟିଟୁ ସ୍ୱାଇଁ, ୬୦ରୁ ୬୫ ବର୍ଗରେ ରାମଚନ୍ଦ୍ର ଖର୍ସେଲ, ୭୦ରୁ ୭୫ କେଜି ବର୍ଗରେ ପ୍ରଶାନ୍ତ ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉପେନ ଜାଲ, ଦୀପକ ପରିଡା, କାଶୀ ବୁଢ଼ିଆ, ସାହିଲ ସ୍ୱାଇଁ, ରୋହନ ସୁନା ନିଜ ନିଜ ଗ୍ରୁପରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗୀରର ସମସ୍ତ ପ୍ରତିଯୋଗୀ ଶ୍ରେଷ୍ଠ ପ୍ରଦର୍ଶନ କରିବା ଫଳରେ ବଲାଙ୍ଗୀର ଗ୍ରୁପ ଚମ୍ପିୟାନ ହୋଇଥିଲା। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ଆମେଚର ବଡି ବିଲଡର୍ସ ଆସୋସିଏସନର ସମ୍ପାଦକ ସଞ୍ଜୟ ଶତପଥି, ସଭ୍ୟ ରୂପକ କୁମାର ବରାଳ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।




ପଶ୍ଚିମ ଓଡିଶା ଶ୍ରୀ ଟାଇଟଲ ସହ ଅନ୍ୟ କୃତୀ ପ୍ରତିଯୋଗୀ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଳୁନି ପାଉଣା

**ବଲାଙ୍ଗୀର ଅଫିସ,୨୯।୪**

ଦାଦନ ପ୍ରବଣ ବଲାଙ୍ଗୀର ଜିଲାରେ ସାମୂହିକ ଶ୍ରମିକ ପଳାୟନ ରୋକିବା ଏବଂ ସ୍ଥାନୀୟ ଅଞ୍ଚଳରେ କର୍ମ ନିଯୋଜନ ଯୋଗାଇବା ଲକ୍ଷ୍ୟରେ ଏମଜିଏନ୍‌ଆଇଜିଏ ଯୋଜନାକୁ ପ୍ରାଥମିକତା ଦିଆଯାଉଥିବା ସରକାରୀ ମହଲରେ କୁହାଯାଉଛି। ତେବେ ଏମଜିଏନ୍‌ଆରଇଜିଏ ଯୋଜନାରେ ଶ୍ରମିକମାନେ ସେମାନଙ୍କ ନାର୍ଯ୍ୟ ପ୍ରାପ୍ୟ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଶୁକ୍ରବାର ବେଲପଡା ବ୍ଲକ୍ ସୁଲେକେଲା ପଞ୍ଚାୟତର ବହୁ ଶ୍ରମିକ ଡଲାଭାର ଧରି ବଲାଙ୍ଗୀର ଡିଆରଡିଏ ଅଫିସ ସମ୍ମୁଖରେ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରି ନିଜର ବକେୟା ପାଉଣା ଦାବି କରିଥିଲେ। ଦୀର୍ଘ ମାସ ମାସ ଧରି ସେମାନେ ନିଜର ପାଉଣା ପାଇପାରି ନଥିବାରୁ କିଭଳି ଦୁଃଖକଷ୍ଟରେ ଚଳୁଛନ୍ତି ଏବଂ ବାରମ୍ବାର ପାଉଣା ପାଇଁ ଅଫିସ ଅଫିସ ଦୌଡି କିଭଳି ନୟାନ୍ତ ହେଲେଣି ଅଭିଯୋଗ କରିଥିଲେ। ବେଲପଡା ବ୍ଲକ୍‌ରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଉଛନ୍ତି। ଯେଉଁ ଶ୍ରମିକମାନେ ସରକାରୀ ଅଧିକାରୀଙ୍କ କଥା ବିଶ୍ୱାସ କରି ଏଠାରେ କାମ କରିଛନ୍ତି ସେମାନଙ୍କୁ ମାସ ମାସ ଧରି ପାଉଣା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଗରିବ ଲୋକମାନେ କିଭଳି ଭାବେ ବିନା ପାଉଣାରେ ପରିବାର ପ୍ରତିପୋଷଣ କରିବେ ବୋଲି ପ୍ରଶ୍ନ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ପରେ ଡିଆରଡିଏ ପିଡି ସୁଶାନ୍ତ ସିଂଙ୍କୁ ଭେଟି ଆଲୋଚନା କରିବା ସହ ତୁରନ୍ତ ବକେୟା ପାଉଣା ପ୍ରଦାନ କରିବାକୁ ଦାବି କରିଥିଲେ। ଏଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଡିଆରଡିଏ ପିଡି ସିଂ କହିଥିଲେ।



ବଲାଙ୍ଗୀର ଡିଆରଡିଏ ଅଫିସ ସମ୍ମୁଖରେ ଡଲାଭାର ଧରି ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଡଲାଭାର ଧରି ଶ୍ରମିକ କଲେ ବିକ୍ଷୋଭ ପ୍ରଦର୍ଶନ**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୦ ଏପ୍ରିଲ, ୨୦୨୨

**ଫେବର ବ୍ଲକ ସଡ଼କ ପାଇଁ ଭୂମି ପୂଜନ**

ନୂଆପଡ଼ା ଅଫିସ: ନୂଆପଡା ଜିଲା ଖରିଆର ରୋଡ ଏନ୍ଏସି ୱାର୍ଡ ନଂ. ୧୨ ପିଏଚଡି ପଡାରେ ଫେବର ବ୍ଲକ ସଡକ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍ଏସି ଅଧକ୍ଷା ସୋନିଆ ଜୈନ, ସମ୍ମାନିତ ଅତିଥି ଉପାଧକ୍ଷ ନିଶାନ୍ତ ଡାଗା, ଏମ୍ପି ପ୍ରତିନିଧି ସୋମନାଥ ଅଗ୍ରୱାଲ, ଶେଖର ଜୈନଙ୍କ ଉପସ୍ଥିତିରେ ଭୂମିପୂଜନ ଅନୁଷ୍ଠିତ ହୋଇଥିଲା। ଫେବର ବ୍ଲକ ସଡକରେ ଗମନାଗମନ ସୁବ୍ୟାବସ୍ଥା ହେବ ବୋଲି ମତ ପ୍ରକାଶ ପାଉଛି। ଆଗକୁ ଏନଏସି ବିକାଶ ପଥରେ ଅଗ୍ରସର ହେବା ସାଙ୍ଗକୁ ସର୍ବାଙ୍ଗୀନ ଉନ୍ନତି ପାଇଁ ଗୁରୁତ୍ୱ ଦିଆଯିବ ବୋଲି ଉଭୟ ଅଧକ୍ଷା ଓ ଉପାଧକ୍ଷ ମତବ୍ୟକ୍ତ କରିଛନ୍ତି।



## ସଂକ୍ଷେପରେ

### ଉପଜିଲାପାଳଙ୍କୁ ବ୍ଲକ ଅଧକ୍ଷଙ୍କ ସମେତ ୨ ସରପଞ୍ଚ ଲେଖିଲେ ପତ୍ର

**ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ**

**ଗୋଲାମୁଣ୍ଡା,୨୯।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ମା' ବିଶ୍ୱ ବନ ଦୁର୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ଥାନୀୟ ଗୋଲାମୁଣ୍ଡା ଓ ମାନଝରୀ ପଞ୍ଚାୟତ ଅଞ୍ଚଳରେ ଛତୁଆ ବଣ୍ଟନର ଦାୟିତ୍ୱ ନେଇଛି। ହେଲେ ଛତୁଆ ବଣ୍ଟନ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଧିକ ଅର୍ଥ ଲୋଭରେ ନିମ୍ନମାନର ଛତୁଆ ବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କୁ ଦେଉଥିବା ଛତୁଆ ନିମ୍ନମାନର ତଥା ମଣିଷ ଖାଇବା ଭଳି ମାନର ନ ଥିବାରୁ ବାଧହୋଇ ଛତୁଆ ଦେଇ ହିତାଧିକାରୀ ଲୁଣ ବଦଳାଉଥିବା ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ଧରି ଏହି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଛତୁଆ ବଣ୍ଟନ କରୁଥିବାରୁ ଏପରି ନିମ୍ନମାନର ଛତୁଆ ଦେଉଥିବା ଅଭଯୋଗ ହୋଇଛି। ତେଣୁ ମା' ବିଶ୍ୱ ବନ ଦୁର୍ଗା ପ୍ରସ୍ତୁତ କରୁଥିବା ଛତୁଆରମାନଙ୍କୁ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ସରପଞ୍ଚ ସବୀର ରାଉତ ଓ ମାନଝରୀ ସରପଞ୍ଚ ଜଗଜୀବନ ଅଘରିଆ ଧର୍ମଗଡ ଉପଜିଲାପାଳଙ୍କୁ ପତ୍ର ମାଧମରେ ଜଣାଇଛନ୍ତି।

### କର୍ଲାମୁଣ୍ଡା ବ୍ଲକର ୬ କେନ୍ଦ୍ରରେ ୮୯୬ ପରୀକ୍ଷାର୍ଥୀ

**କର୍ଲାମୁଣ୍ଡା,୨୯।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଚଳିତବର୍ଷ ଶୁକ୍ରବାର ପ୍ରଥମ ଦିବସରେ ୬ଟି କେନ୍ଦ୍ରରେ ୮୯୬ଜଣ ମାଟ୍ରିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସୂଚନା ମତେ ପଞ୍ଚାୟତ ସମିତି ହାଇସ୍କୁଲରେ କର୍ଲାମୁଣ୍ଡା ଓ ମାଲପଡା ହାଇସ୍କୁଲର ୧୨୮, ତେରେସିଙ୍ଗା ହାଇସ୍କୁଲରେ ତେରେସିଙ୍ଗା ଓ ବାଝିପଦରର ୧୨୯, ବାପୁଜି ହାଇସ୍କୁଲରେ ବାପୁଜୀ ହାଇସ୍କୁଲ ରିଷିଡା ଓ ବାଳିକା ହାଇସ୍କୁଲ ରିଷିଡାର ୧୩୬, ବୀରକିଶୋର ହାଇସ୍କୁଲରେ ଭଟାପଲା ଓ ରିଞ୍ଜା ହାଇସ୍କୁଲରୁ ୧୭୨, ଗଜବାହଲ ହାଇସ୍କୁଲରେ କେନ୍ଦ୍ରରେ ଗଜବାହାଲ ଓ ପୌରକେଲା ହାଇସ୍କୁଲରୁ ୧୪୯ଜଣ, ଜୋରାଡବରା ହାଇସ୍କୁଲରେ ଯୋରାଡୋବରା ଓ ରେଗଡା ହାଇସ୍କୁଲରୁ୧୮୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସାପଲହରା ହାଇସ୍କୁଲର ୩୮ଜଣ ଛାତ୍ରଛାତ୍ରୀ ମ.ରାମପୁର ବ୍ଲକ ମୁଡିଙ୍ଗ ହାଇସ୍କୁଲରେ ପରୀକ୍ଷା ଦେଉଥିବା ଜଣାପଡ଼ିଛି।

### ସ୍କୁଲରେ ପୌରାଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ

**ବରଗଡ଼ ଅଫିସ୍,୨୯।୪:** ବରଗଡ଼ ରାଣାପ୍ରତାପ ସ୍କୁଲକୁ ପୌରାଧ୍ୟକ୍ଷା କଳ୍ପନା ମାଝି ଯାଇ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷା ମାଝି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହିତ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ବିଦ୍ୟାଳୟର ପ୍ରାଥମିକ ବିଭାଗରେ ଖାଲି ପଡ଼ିଥବା ଶିକ୍ଷକ, ସୁଇପର, ଜଗୁଆଳୀ ପଦବୀ ପୂରଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପୌରାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ଅତିରିକ୍ତ ଶ୍ରେଣୀ କୋଠରୀ ପାଇଁ ଅନୁଦାନ ଦେବାକୁ ତାଙ୍କୁ ଅନୁରୋଧ କରଯାଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରି ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ପୌରାଧ୍ୟକ୍ଷା ମାଝୀ କହିଥିଲେ। ବୈଠକରେ ସ୍କୁଲ ପରିଚାଳନା କମିଟି ସହିତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ବିଡିଓଙ୍କ ପରଲୋକ

**ବରଗଡ଼ ଅଫିସ୍,୨୯।୪:** ବରଗଡ଼ କଲେଜ ରୋଡ଼ ବାସିନ୍ଦା ତଥା ଅବସରପ୍ରାପ୍ତ ବିଡ଼ିଓ



ଟଙ୍କଧର ବିଶ୍ୱାଳଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୮ବର୍ଷ ହେଉଥିଲା। ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଅନୁଭବ କରି ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ବିଶ୍ୱାଳ ତାଙ୍କ ଜୀବନକାଳରେ ରାଜ୍ୟର ବିଭିନ୍ନ ଜିଲାରେ ବିଡ଼ିଓଭାବେ କାର୍ଯ୍ୟ କରିଥିଲେ। ସେ ବରିଷ୍ଠ ଖବରଦାତା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ବାପା ଅଟନ୍ତି। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି।

# ଆବଶ୍ୟକ ୨.୮, ମିଳୁଛି ୧.୮୫ ମିଲିୟନ ଲିଟର



ଅଙ୍ଗନଦୀରେ ପମ୍ପଘର।



ଅଙ୍ଗନଦୀ ନାଗେନଦର୍ହାଠାରେ ଶୁଖିଲା ପଡିଛି।

**ପଦ୍ମପୁର, ୨୯।୪(ଡି.ଏନ.ଏ.)**

**ପଦ୍ମପୁର ସହରରେ ପାଇପ ଜଳ ଯୋଗାଣ**

- ଶୁଖିଗଲାଣି ପୋଖରୀ,କୂଅ
- ଅଙ୍ଗନଦୀରେ ବି ପାଣିନାହିଁ
- ସବୁ ପଡ଼ାରେ ପହଞ୍ଚୁନି ଟ୍ୟାଙ୍କର ଯୋଗେ ପାଣି

ବୈଶାଖ ଆରମ୍ଭରୁ ପାଣି ପାଇଁ କଲବଲ ହେଲାଣି ବରଗଡ଼ ଜିଲା ପଦ୍ମପୁର ଉପକଣ୍ଠ। ଗାଁଠାରୁ ସହର ସବୁଠି ଦେଖାଦେଲାଣି ସମସ୍ୟା। ଗରମ ବଢ଼ିବା ସାଙ୍ଗକୁ ନଦୀ, ପୋଖରୀରେ ପାଣି ନାହିଁ। ଜଳସ୍ତର ହ୍ରାସ ଯୋଗୁ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ପଦ୍ମପୁର ସହରକୁ ପାନୀୟ ଜଳ ଯୋଗାଣ ପାଇଁ ଅଙ୍ଗନଦୀର ନାଗେନଦର୍ହାଠାରେ ପ୍ରତିବର୍ଷ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଅସ୍ଥାୟୀ ବ୍ୟାରେଜ ନିର୍ମାଣ କରାଯାଇ ପାଇପ ଜଳ ଯୋଗାଣ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଅଙ୍ଗନଦୀ ନାଗେନଦର୍ହାଠାରେ ଶୁଖିଲା ପଡିଛି। ସହରକୁ ଦୈନିକ ୨.୮ମିଲିୟନ ଲିଟର ଜଳ ଆବଶ୍ୟକ ହେଉଥିବା ବେଳେ ବର୍ତ୍ତମାନ ମାତ୍ର ୧.୮୫ ମିଲିୟନ ଲିଟର ଯୋଗାଣ ହେଉଛି। ନାଗେନଦର୍ହାଠାରେ ଏକ ସ୍ଥାୟୀ ବ୍ୟାରେଜ ନିର୍ମାଣ ପାଇଁ ଗତ ୧୫ବର୍ଷ ହେବ ଦାବି ହେଉଥିଲେ ମଧ ଏ ପର୍ଯ୍ୟନ୍ତ ପ୍ରଶାସନିକସ୍ତରରେ କେବଳ ପ୍ରତିଶ୍ରୁତି ହିଁ ମିଳିଛି। ୨୨ ହଜାର ଜନସଂଖ୍ୟା ବିଶିଷ୍ଟ ପଦ୍ମପୁର ସହରକୁ ବର୍ତ୍ତମାନ ବରଗଡ଼ ରୋଡ୍‌ରେ ଥିବା ପମ୍ପ ଓ ଗଭୀର ନଳକୂପରୁ ୧୦ଲକ୍ଷ ଲିଟର, ସତିଭଟାସ୍ଥିତ ଗଭୀର ନଳକୂପରୁ ୪ଲକ୍ଷ ଲିଟର ପାଣି ସଂଗ୍ରହ ହୋଇଥାଏ। ପ୍ରତିଦିନ ଟ୍ୟାଙ୍କର ଯୋଗେ ୨.୫ଲକ୍ଷ ଲିଟର ପାଣି ବିଭିନ୍ନ ୱାର୍ଡକୁ ଯୋଗାଇ ଦିଆଯାଉଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ପଦ୍ମନାଭ ମାଝି ସୂଚନା ଦେଇଛନ୍ତି। ଅପରପକ୍ଷରେ ପଦ୍ମପୁରର ଅନେକ ସାହିକୁ ଠିକ୍ ହିସାବରେ ଟ୍ୟାଙ୍କର ଜଳ ଯୋଗାଣ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

**ସେମାନେ ଯାହା କହନ୍ତି....**



"ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଅଙ୍ଗନଦୀର ନାଗେନଦର୍ହାରେ ଏକ ସ୍ଥାୟୀ ବ୍ୟାରେଜ ନିର୍ମାଣ ପାଇଁ ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ କାର୍ଯ୍ୟକାରୀ ହୋଇପାରୁନାହିଁ। ବ୍ୟାରେଜ ନିର୍ମାଣ ନ ହେବା ଯାଏ ପାନୀୟ ଜଳ ଯୋଗାଣ ସମସ୍ୟା ଲାଗି ରହିବ ।

**ନିରୋଜ କୁମାର ଦୋରା, ଉପସଭାପତି, ନାଗରିକ କମିଟି**



"ଚଳିତ ବର୍ଷ ବୃଷ୍ଟିପାତ ହ୍ରାସ ପାଇଥିବାରୁ ନଦୀରେ ପାଣିସ୍ରୋତ ଫେବୃୟାରୀ ମାସରୁ ବନ୍ଦ ହୋଇଛି। କୃତ୍ରିମ ଆଡି ଦେଇ ଯେତେ ପାଣି ଥିଲା ତାହା ମାର୍ଚ୍ଚ ମାସରେ ଶେଷ ହୋଇଛି। ନଦୀକୁ ଗଭୀର କରି ଜଳଯୋଗାଣ ଉଦ୍ୟମ କରୁଛୁ।

**ପଦ୍ମନାଭ ମାଝି, ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ**



"ସହରରେ ପାନୀୟ ଜଳ ସମସ୍ୟା ରହିଛି। ପ୍ରତିଦିନ ବ୍ୟକ୍ତିଗତ ଭାବେ ବିଭିନ୍ନ ୱାର୍ଡକୁ ଯାଇ ଲୋକଙ୍କ ପାଖରେ ଟ୍ୟାଙ୍କରରେ ପାଣି ପହଞ୍ଚାଇବା କାର୍ଯ୍ୟର ତଦାରଖ କରୁଛି। ସମସ୍ୟାର ସ୍ଥାୟୀ ସମାଧାନ ଲୋଡା।

**ଭାରତୀ ପଟ୍ଟନାୟକ, ଏନଏସି ଉପାଧକ୍ଷା**

### କୃତାର୍ଥ ଆଚାର୍ଯ୍ୟ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନରେ କ୍ୟାମ୍ପସ୍ ପ୍ଲେସମେଣ୍ଟ

**ବରଗଡ଼ ଅଫିସ୍,୨୯।୪**

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନରେ ଗୁରୁବାର କ୍ୟାମ୍ପସ୍ ପ୍ଲେସମେଣ୍ଟ ଆୟୋଜିତ ହୋଇଥିଲା। ଛତିଶଗଡ଼ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ, ଜୟସ୍ୱାଲ ନେକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଦ୍ୱାରା ହୋଇଥିବା ଏହି କ୍ୟାମ୍ପସ ପ୍ଲେସମେଣ୍ଟରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଇଞ୍ଜିନିୟରିଂ, ଡିପ୍ଲୋମା ଇଞ୍ଜିନିୟରିଂର ଶେଷବର୍ଷ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କମ୍ପାନୀ ରାଜ୍ୟର ୩ଟି ବୈଷୟିକ ଶିକ୍ଷାନୁଷ୍ଠାନକୁ କ୍ୟାମ୍ପସ ପ୍ଲେସମେଣ୍ଟ ପାଇଁ ପ୍ରତିବର୍ଷ ଆସୁଥିବାବେଳେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନକୁ ଅଗ୍ରାଧିକାର ଦେଇ ଆସୁଛି । କମ୍ପାନୀ ପକ୍ଷରୁ ଏଚଆର ମ୍ୟାନେଜର ହିତେଶ ଲେହେର, ମେକାନିକାଲ ମ୍ୟାନେଜର ଶୈଳେନ୍ଦ୍ର ସାହୁ, ଇଲେକ୍ଟ୍ରାଲ, ଇନଷ୍ଟ୍ରୁମେଣ୍ଟେଶନ ମ୍ୟାନେଜର ପ୍ରଦୀପ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ । ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ସମ୍ପାଦକ ତଥା ଡିପ୍ଲୋମା ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ତରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଅନୁଷ୍ଠାନର ପ୍ଲେସମେଣ୍ଟ ଅଫିସର ଡଃ ଶେଖ୍ ଆବେଦ୍ ହୁସେନ, ଡିଗ୍ରୀ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ଭାରତ ଭୂଷଣ ଶତପଥି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ହ୍ୱାଟସ୍ ଆପ୍‌ର ପ୍ରୋଫାଇଲ ଫଟୋରେ ଜିଲାପାଳଙ୍କ ଫଟୋ ଲଗାଇ ଟଙ୍କା ଆଦାୟ ଉଦ୍ୟମ

**ବୌଦ୍ଧ,୨୯।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଫଟୋକୁ ପ୍ରୋଫାଇଲ ଫଟୋ ଭାବରେ ବ୍ୟବହାର କରି ହ୍ୱାଟସଆପ୍ ନମ୍ବରରେ ବିଭିନ୍ନ ଅଧିକାରୀଙ୍କୁ ମେସେଜ ପଠାଇ ଟଙ୍କା ମାଗିବା ଭଳି ଏକ ସମ୍ବେଦନଶୀଳ ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଛି। ମିଳିଥିବା ସୂଚନା ମୁତାବକ, ଜିଲାପାଳଙ୍କ ଫଟୋ ଥାଇ ଏକ ନମ୍ବର (୭୨୨୩୮୭୦୧୯୬) ରୁ ଜିଲାର କେତେଜଣ ଅଧିକାରୀଙ୍କ ନିକଟକୁ ଟଙ୍କା ପଠାଇବାକୁ ମେସେଜ ଯାଇଥିଲା। ସଂପୃକ୍ତ ନମ୍ବରଟି ଜିଲାପାଳଙ୍କର ହୋଇ ନ ଥିବା ବେଳେ ତାଙ୍କଠାରୁ ଏଭଳି ମେସେଜ ଆଶା କରି ନ ଥିବା କେତେଜଣ ଅଧିକାରୀ ଏନେଇ ଜିଲାପାଳଙ୍କୁ ସୂଚନା ଦେଇଥିଲେ। ଅଧିକାରୀଙ୍କ ନିକଟରୁ ଏହା ଜାଣିବା ପରେ ଜିଲାପାଳ ମିଶ୍ର ବ୍ୟକ୍ତିଗତ ଫେସ୍‌ବୁକ ଓ ସମସ୍ତ ସରକାରୀ ଗ୍ରୁପରେ ସରକାରୀ ଅଧିକାରୀମାନଙ୍କୁ ମିଥ୍ୟା ମେସେଜ ନେଇ ସତର୍କ ରହିବାକୁ ସୂଚନା ଦେଇଥିବା ଜଣାଯାଇଛି। ଏନେଇ ସାଇବର ସେଲ ଜରିଆରେ ତଦନ୍ତ କରାଯାଇ ତାଙ୍କ ଫଟୋକୁ ବ୍ୟବହାର କରି ମେସେଜ ପଠାଇଥିବା ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମିଶ୍ର ପ୍ରକାଶ କରିଛନ୍ତି। ଜିଲାରେ ବାରମ୍ବାର ସାଇବର ଅପରାଧ ବୃଦ୍ଧି ପାଇ ଚାଲିଥିବା ବେଳେ ଜିଲା ପୋଲିସ ନିକଟରେ କୌଣସି ସୁବିଧା ନ ଥିବାରୁ ଅପରାଧୀମାନେ ତାହାର ଫାଇଦା ଉଠାଉଛନ୍ତି । ଜିଲାରେ ତୁରନ୍ତ ଏକ ସାଇବର ଥାନା ସ୍ଥାପନ ପାଇଁ ସାଧାରଣରେ ଦାବି ହେଉଅଛି।

## ଗୋଷ୍ଠୀକେନ୍ଦ୍ରରେ ଅସ୍ଥାୟୀ ଜେଏମ୍ଏଫ୍‌ସି କୋର୍ଟ



ଜେଏମ୍ଏଫ୍‌ସି କୋର୍ଟ ଖୋଲିବା ପୂର୍ବରୁ ଜିଲାଜଜ୍ ଲୋକନାଥ ମହାପାତ୍ରଙ୍କ କ୍ଷେତ୍ର ପରିଦର୍ଶନ।

**ଖପ୍ରାଖୋଲ, ୨୯।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ନିକଟ ଜମିରେ ଜେଏମଏଫସି କୋର୍ଟ ନିର୍ମାଣ ହେବ। ଶୁକ୍ରବାର ଜିଲାଜଜ ଲୋକନାଥ ମହାପାତ୍ର ଏ ନେଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହାସହ ତହସିଲ କାର୍ଯ୍ୟାଳୟ ନିକଟ ଗୋଷ୍ଠୀକେନ୍ଦ୍ରଠାରେ ଅସ୍ଥାୟୀଭାବେ ଜେଏମଏଫସିର ଶୁଭାରମ୍ଭ ହେବ ବୋଲି ଜଣା ପଡିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଜିଲାଜଜଙ୍କ ପରିଦର୍ଶନ ସମୟରେ ତହସିଲଦାର ଆଦିତ୍ୟ ମିଶ୍ର, ବିଡ଼ିଓ ରଶ୍ମିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ଥାନା ଅଧିକାରୀ ରମାକାନ୍ତ ସାହୁ, ବରିଷ୍ଠ ଆଇନଜୀବୀ ଦର୍ପାରଞ୍ଜନ ପଟ୍ଟନାୟକ, ପବିତ୍ର ପଟେଲ, ବିଧାୟକ ପ୍ରତିନିଧି ରମେଶ ପଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଜେଇ ରାଜକିଶୋର ନାଏକ ଉପସ୍ଥିତ ଥିଲେ ।

## କେନ୍ଦ୍ର ଆଇନ ମନ୍ତ୍ରୀଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

**ନୂଆପଡ଼ା ଅଫିସ,୨୯।୪**



ଆଇନ ଓ ନ୍ୟାୟରାଷ୍ଟ୍ର ମନ୍ତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

କେନ୍ଦ୍ର ଆଇନ ମନ୍ତ୍ରୀ ପ୍ରୋଫେସର ସତ୍ୟପାଲ ସିଂ ବଘେଲ ଗୁରୁବାର ୨ ଦିନିଆ ନୂଆପଡା ଜିଲା ଗସ୍ତରେ ଆସି ଶୁକ୍ରବାର ବିଭିନ୍ନ ଯୋଜନାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଏବଂ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ବାଳିକା ବିଦ୍ୟାଳୟ ପରିଦର୍ଶନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ମା' ଓ ଶିଶୁପ୍ରୟତ୍ନ କେନ୍ଦ୍ର ପରିଦର୍ଶନ କରି ଶିଶୁ ମୃତ୍ୟୁହାର ରୋକିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବା ପାଇଁ ଆହ୍ୱାନ କରିଥିଲେ। ସାରାବଙ୍ଗସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଖରିଆର ରୋଡସ୍ଥିତ ଏକ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଶିଶୁର ଯତ୍ନ ଓ ଶିଶୁର ପ୍ରାରମ୍ଭିକ ଶିକ୍ଷା ବ୍ୟାବସ୍ଥା ମଜଭୁତ କରିବା ନେଇ ମା' ଓ ଶିଶୁ ଅଙ୍ଗନୱାଡି କେନ୍ଦ୍ର ସହିତ ଜଡିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠସ୍ଥଳୀ ରକ୍ତତୀର୍ଥ ସାଲିହାଗଡ ସ୍ମୃତିସ୍ତମ୍ଭ ପରିଦର୍ଶନ କରିଛନ୍ତି। ସ୍ୱାଧୀନ ସଂଗ୍ରାମୀଙ୍କ ସ୍ମୃତି ଚାରଣ କରି ସଂଗ୍ରାମୀଙ୍କ ପରିବାର ଲୋକଙ୍କ ସହିତ ସାକ୍ଷାତ କରଥିଲେ। ସାଲିହାସ୍ଥିତ ଅବସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ମନ୍ତ୍ରୀ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସମୟରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ଖରିଆର ରୋଡ ଏନ୍ଏସି ଅଧକ୍ଷା ସୋନିଆ ଜୈନ, ଏମ୍ପି ପ୍ରତିନିଧି ସୋମନାଥ ଅଗ୍ରୱାଲ, ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶନ୍ନ କୁମାର ପାଢୀ, ଅଭିନନ୍ଦନ ପଣ୍ଡା, ଯଦୁମଣୀ ପାଣିଗ୍ରାହୀ, ତୁଳସ ପଟେଲ, ଅର୍ଜୁନ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଗୀସର୍ଡା ରାମଲୀଳା ଉଦ୍‌ଯାପିତ



ଯୋଗୀସର୍ଡା ରାମଲୀଳା ନାଟକ ଉଦ୍‌ଯାପନୀ ସନ୍ଧ୍ୟାର ଦୃଶ୍ୟ।

**ଲୋଇସିଂହା,୨୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଦଧିବାମନ କଳା ପରିଷଦ ପକ୍ଷରୁ ଗତ ରାମ ନବମୀ ତିଥିରୁ ଚାଲିଥିବା ରାମଲୀଳା ନାଟକ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୧୯୩୧ ମସିହାରୁ ଅନୁଷ୍ଠାନ ପକ୍ଷରୁ ରାମଲୀଳା ଅନୁଷ୍ଠିତ ହୋଇ ଆସୁଛି। ଚଳିତ ବର୍ଷ ରାମଲୀଳା ୯୧ବର୍ଷରେ ପଦାର୍ପଣ କରିଥିଲା। ରାମଜନ୍ମ, ସୀତା ସ୍ୱଂୟମ୍ବର, ରାମ ବନବାସ, ସୀତାଚୋରି, ବାଳିବଧ, ଇନ୍ଦ୍ରଜିତ ବଧ, ରାବଣ ବଧ ଓ ରାମଙ୍କ ରାଜ୍ୟାଭିଷେକ ଦୃଶ୍ୟକୁ ଅନୁଷ୍ଠାନର ପୁରୁଖା ଓ ଯୁବ କଳାକାରମାନେ ନିଖୁଣ ଭାବେ ଅଭିନୟ କରିଥିଲେ। ରାମ ଭୂମିକାର ମହେଶ ତ୍ରିପାଠୀ, ଲକ୍ଷ୍ମଣ ଆନନ୍ଦ ସାହୁ, ସୀତା ଜ୍ୟୋତିରଞ୍ଜନ ପଧାନ, ରାବଣ ରଞ୍ଜନ ମଲ୍ଲିକ ଓ ହନୁମାନ ଭୂମିକାରେ ମହେନ୍ଦ୍ର ମିଶ୍ରଙ୍କ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ମ୍ୟାନେଜର ହରିହର ଛୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାଟକ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଲକ୍ଷ୍ମଣ ସାହୁ, ସୀତାକାନ୍ତ ମିଶ୍ର, ସୀତାରାମ ମିଶ୍ର ସହଯୋଗ କରିଥିଲେ। ମାନଭଞ୍ଜନ ପଧାନ ଓ ଚତୁର ପଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

## କୋକସରା ବ୍ଲକ: ୧୦ କେନ୍ଦ୍ରରେ ୧୪୧୮ ପରୀକ୍ଷାର୍ଥୀ

**କୋକସରା,୨୯।୪**

କଳାହାଣ୍ଡି ଜିଲା କୋକସରା ବ୍ଲକର ୧୦ କେନ୍ଦ୍ରରେ ୧୪୧୮ ଛାତ୍ରୀଛାତ୍ର ଶୁକ୍ରବାର ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ଜବାହର ଉଚ୍ଚ ବିଦ୍ୟାଳୟ କୋକସରା, ଆଶ୍ରମ ହାଇସ୍କୁଲ ଆମପାଣି, ଲଦୁଗାଁ ହାଇସ୍କୁଲ, କାଉଡୋଳା ହାଇସ୍କୁଲ, ନେଗିଗୁଡା ହାଇସ୍କୁଲ, ଟେମରା ହାଇସ୍କୁଲ, ଡହଗାଁ ହାଇସ୍କୁଲ, ଫୁଫଗାଁ ହାଇସ୍କୁଲ, କାଶିବାହଲ ହାଇସ୍କୁଲ, ଇନ୍ଦ୍ରାବତୀ ହାଇସ୍କୁଲ ଡଙ୍ଗରିଗୁଡା ଇନ୍ଦ୍ରାବତୀ ହାଇସ୍କୁଲ ଏଭଳି ୧୦ଟି କେନ୍ଦ୍ରରେ ମୋଟ ୧୪୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ନେଇ ସୂଚନା ମିଳିଛି। ପରୀକ୍ଷା ପରିଚାଳନା ଲାଗି ଅତିରିକ୍ତ ତହସିଲଦାର କମଳାସନ ରଥଙ୍କ ତଦାରଖରେ ସ୍କ୍ୱାଡ଼ ଟିମ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ପ୍ରଥମ ଦିନ ପରୀକ୍ଷା କେନ୍ଦ୍ରରେ କୌଣସି ଛାତ୍ରୀଛାତ୍ର ମାଲ ପ୍ରାକ୍ଟିସ ହୋଇ ନ ଥିବା କୋକସରା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ପାନୀୟ ଜଳ ସମସ୍ୟା ସମାଧାନକୁ ଗୁରୁତ୍ୱ

**ଜୁନାଗଡ,୨୯।୪(ଡି.ଏନ.ଏ.)**



ଜୁନାଗଡ ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅତିଥିଗଣ।

**ଜୁନାଗଡ଼ ପଞ୍ଚାୟତ ସମିତିର ପ୍ରଥମ ବୈଠକ**

କଳାହାଣ୍ଡି ଜିଲା ଜୁନାଗଡ ପଞ୍ଚାୟତ ସମିତି (ବ୍ଲକ)ର ପ୍ରଥମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷା ସବିତା ମେହେର ଅଧକ୍ଷତା କରିଥିଲେ। ବୈଠକରେ ପ୍ରଥମେ ବିଡିଓ ଦୁଲାରାମ ମାରାଣ୍ଡି ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଥିବାରୁ ଶୀଘ୍ର ଏହାକୁ କିପରି ସମାଧାନ କରାଯିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ୭ଟି ସମିତି ଷ୍ଟାଣ୍ଡିଂ କମିଟି ଗଠନ, ରାଜ୍ୟ ଅର୍ଥ ଓ କେନ୍ଦ୍ର ଅର୍ଥ କମିଶନ, ୫ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରିକରଣ, ପରିମଳ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମଙ୍ଗଳ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଉନ୍ନୟନ ମୂଳକ କାର୍ଯ୍ୟ, ସମନ୍ୱିତ ଶିଶୁ ଓ ମହିଳା ବିକାଶ ଯୋଜନା, ମିଶନ ଶକ୍ତି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ, ଉଦ୍ୟାନ, ବିଦ୍ୟୁତ୍, ଗ୍ରାମ୍ୟଉନ୍ନୟନ, ଉଠାଜଳସେଚନ, କ୍ଷୁଦ୍ର ଜଳସେଚନ, ପ୍ରାଣୀ ସମ୍ପଦ ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି ସମୟରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ବିଭାଗ କାର୍ଯ୍ୟକାରିତା ଉପରେ କହିଥିଲେ। ସେହିପରି ଉପସ୍ଥିତ ଲୋକପ୍ରତିନିଧିମାନେ ମଧ ସେହି ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ପଚାରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ଜିଲା ପରିଷଦ ସଭ୍ୟା ଶାମୁକା ରାଣୀ କୁମାର, ସଙ୍ଗୀତା ଖର୍ସେଲ, ସଭ୍ୟ ଲାଲାବାହାଦୁର ଜାନି, ଏମ୍ପି ପ୍ରତିନିଧି ଚନ୍ଦ୍ରହାସ୍ୟ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଜିପିଓ ରାଜେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ବୈଠକରେ ଜୁନାଗଡ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓମାନେ ଯୋଗଦେଇଥିଲେ। ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା ଧନ୍ୟବାଦ ଦେଇଥିଲେ।